## ସଂକ୍ଷେପରେ

### ବଟେଶ୍ୱର ପୀଠ ଜଙ୍ଗଲରେ ନିଆଁ

ଗଞ୍ଜାମ, ୧୯।୧୧ (ଡି.ଏନ.ଏ.)-ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମସ୍ଥିତ ବଟେଶ୍ୱରଙ୍କ ପୀଠ ନିକଟ ଜଙ୍ଗଲରେ ସୋମବାର ନିଆଁ ଲାଗିଯାଇଥିଲା। କାର୍ତ୍ତିକ ଶେଷ ସୋମବାର ଯୋଗୁ ହଜାର ହଜାର ଶ୍ରଦ୍ଧାଳୁ ଶାନ୍ତି ଶୃଙ୍ଖଳାରେ ଧାଡ଼ିରେ ଯାଇ ବଟେଶ୍ୱରଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାଇକ ଦ୍ୱାରା ଜଙ୍ଗଲରେ ନିଆଁ ଲାଗି ଯାଇଥିବା ସମ୍ପର୍କରେ କୁହାଯାଇଥିଲା। ଶିଶୁ, ମହିଳା ଭକ୍ତ ସତର୍କ ରହିବା ପାଇଁ ଘୋଷଣା ହୋଇଥିଲା। ଏହା ଶୁଣି ରାସ୍ତାରେ ଆସୁଥିବା ଭକ୍ତମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ । ପାଳିବନ୍ଧ ସରପଞ୍ଚ ଦିଲୀପ ଛୋଟରାଏ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରମ୍ଭା ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ।

### କାର ଦୁର୍ଘଟଣାଗ୍ରସ୍ତ

ବେଗୁନିଆପଡ଼ା,୧୯।୧୧(ଡି.ଏନ.ଏ.)-ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଷଣ୍ମୂଳ ପଞ୍ଚାୟତ ଶାଳବଣ ଶ୍ମଶାନ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଚାଳକ ଉପେନ୍ଦ୍ର ସ୍ୱାଇଁ ସାମାନ୍ୟ ଆହତ ହୋଇଛନ୍ତି। କାର୍‌ରେ ଅନ୍ୟ କେହି ନ ଥିଲେ। କାରଟି ବ୍ରହ୍ମପୁରରୁ ଅଙ୍ଗାରଗାଁ ଫେରୁଥିବା ବେଳେ ଶାଳବଣ ନିକଟ ରାସ୍ତାରେ ହଠାତ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ପଲଟି ଯାଇ ପୁଣି ସିଧା ହୋଇଯାଇଥିଲା। ବେଗୁନିଆପଡ଼ା ପୋଲିସ ପହଞ୍ଚି କାରଟିକୁ ଜବତ କରି ତଦନ୍ତ ଚଳାଇଛି। ତାହା ଅଙ୍ଗାରଗାଁର କେ. ପ୍ରଶାନ୍ତ କୁମାର ପାତ୍ରଙ୍କର ବୋଲି ପୋଲିସ କହିଛି।

### ବାଲିଛାଇ ସରପଞ୍ଚ ପୁରସ୍କୃତ

ହାତୀଓଟ,୧୯।୧୧-ବିଶ୍ୱ ସ୍ୱଚ୍ଛତା ଦିବସ ଅବସରରେ ସୋମବାର ଛତ୍ରପୁରଠାରେ ଥିବା ଡିଆରଡିଏ ଗୃହରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦ୍ୱାରା ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ପଞ୍ଚାୟତ ସରପଞ୍ଚ ମନୋଜ କୁମାର ପ୍ରଧାନ ପୁରସ୍କୃତ ହୋଇଛନ୍ତି। ୨୦୧୭-୧୮ ବର୍ଷରେ ପଞ୍ଚାୟତରେ ୮୭୨ଟି ଶୌଚାଳୟ ସମ୍ପୂର୍ଣ୍ଣ କରିବାକୁ ଥିବା ବେଳେ ସରପଞ୍ଚ ୮୫୭ଟି ଠିକ୍ ସମୟରେ କାର୍ଯ୍ୟ ଶେଷ କରିଛନ୍ତି। ଜମିଜମା ବିବାଦ ଲାଗିଥିବାରୁ ୨୦ଟି ଶୌଚାଳୟ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଛି। ସରପଞ୍ଚ ପ୍ରଧାନ ପୁରସ୍କୃତ ହୋଇଥିବାରୁ ବିଡିଓ ଶମ୍ଭୁନାଥ ନନ୍ଦୀ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଶୌଚାଳୟ ଦାୟିତ୍ୱରେ ଥିବା ସଂଯୋଜକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ସାପ କାମୁଡ଼ାରେ ନାବାଳକ ମୃତ

କୁକୁଡ଼ାଖଣ୍ଡି,୧୯।୧୧(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ତହସିଲ ଅଧିନ ମସିହାଖାଲି ନୂଆ ସାହିରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କାହ୍ନୁ ସାହୁଙ୍କ ପୁଅ ରାଜା (୯) । ଶନିବାର ଅପରାହ୍ନରେ ରାଜା ସାଙ୍ଗମାନଙ୍କ ସହ ମିଶି କୋଳି ଆଣିବା ପାଇଁ ସ୍କୁଲ ନିକଟକୁ ଯାଇଥିଲେ। ସେଠାରେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ସନ୍ଧ୍ୟାରେ ରାଜାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମସିହାଖାଲି ସରପଞ୍ଚ ପ୍ରତିନିଧି ଶିବରାମ ମହାରଣା ଏ ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଶିବରାମ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

### କୋଠଗୃହ ଉନ୍ନତୀକରଣ ଉଦ୍‌ଘାଟିତ

ବୁଗୁଡ଼ା, ୧୯।୧୧ (ଡି.ଏନ.ଏ.)-ବୁଗୁଡ଼ା ଏନଏସି ଅନ୍ତର୍ଗତ ୧୦ନଂ ୱାର୍ଡ ଯାଦବ ସାହିର ନୂତନ କୋଠଗୃହ ଓ ନାମ ସଂକିର୍ତ୍ତନ ଗୃହର ଉନ୍ନତୀକରଣକୁ ବିଧାୟକ ଶ୍ରୀକାନ୍ତ ସାହୁ ସୋମବାର ଉଦଘାଟନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଏନଏସିର ପୂର୍ବତନ ଉପାଧକ୍ଷ ଚିତ୍ରସେନ ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, କାଉନସିଲର ଗୀତାଞ୍ଜଳି ପାଢ଼ୀଙ୍କ ସମେତ ୧୦ ନଂ ୱାର୍ଡବାସୀ ଉପସ୍ଥିତ ଥିଲେ ।

## ଶୌଚାଳୟ ନିର୍ମାଣରେ ସଫଳତା

# ପ୍ରଶଂସା କଲେ କେନ୍ଦ୍ର ସରକାର, ବିଶ୍ୱ ଶୌଚାଳୟ ସଂସ୍ଥା

ଛତ୍ରପୁର,୧୯।୧୧(ଡି.ଏନ.ଏ)

ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମାଞ୍ଚଳରେ ଘରୋଇ ପାଇଖାନା ନିର୍ମାଣ କାର୍ଯ୍ୟରେ ସଫଳତା ପାଇଁ ବିଡିଓ, ସରପଞ୍ଚ, ସ୍ୱେଚ୍ଛାସେବୀ, ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ, ଅଫିସ ଷ୍ଟାଫ୍‌ମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲାରେ ୬ ଲକ୍ଷ ଶୌଚାଳୟ ନିର୍ମାଣ ପାଇଁ ଟାର୍ଗେଟ ଥିବାବେଳେ ୫ ଲକ୍ଷ ୫୦ ହଜାରଟିର ନିର୍ମାଣ ସରିଛି । ଡିସେମ୍ବର ୩୧ ସୁଦ୍ଧା ଗଞ୍ଜାମକୁ ବାହ୍ୟ ମଳମୁକ୍ତ ଜିଲା କରିବାକୁ ଟାର୍ଗେଟ ରହିଛି । ଏହାକୁ ପୂରଣ କରିବା ପାଇଁ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଫଳତା ପାଇଁ ବିଶ୍ୱ ଶୌଚାଳୟ ସଂସ୍ଥାର ପ୍ରତିଷ୍ଠାତା ଜାକ୍ ସିନ୍ ଏବଂ ଭାରତ ସରକାରଙ୍କ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ ପରମେଶ୍ୱର ଆୟର ଜିଲା ପ୍ରଶାସନକୁ ପ୍ରଶଂସା କରିଥିବା ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ପରେ ଜିଲାପାଳ ଏବଂ ଉପସ୍ଥିତ ଅନ୍ୟମାନଙ୍କ ପକ୍ଷରୁ ଧନ୍ୟବାଦ ବାର୍ତ୍ତା ପଠା ଯାଇଥିଲା । ଘରୋଇ ପାଇଖାନା ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ବାବନପୁର ସରପଞ୍ଚ ସୌଦାମିନୀ ନାୟକ, ସ୍ୱେଚ୍ଛାସେବୀ ଏସ୍ ଲକ୍ଷ୍ମୀ ନାରାୟଣ ଦୋରା, ବେଗୁନିଆପଡା ବିଡିଓ ପ୍ରଦୀପ କୁମାର ପଣ୍ଡା, ସୁମଣ୍ଡଳ


ଛତ୍ରପୁର ବିଡିଓ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସରପଞ୍ଚ ସନ୍ତୋଷିନୀ ସାହୁ, ସ୍ୱେଚ୍ଛାସେବୀ ଶିବ ଶଙ୍କର ବାରିକ, ଭଞ୍ଜନଗର ବିଡିଓ ଅନିଲ ସେଠୀ, ତୁଲୁମ୍ବୁ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ମାନସ ରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, କନିଷ୍ଠ ଯନ୍ତ୍ରୀ ମଳୟ ନାୟକ ଓ ଶଶାଙ୍କ ପାଢୀ, ସ୍ୱେଚ୍ଛାସେବୀ ସିଏଚ୍ ଦମୟନ୍ତୀ ଓ ରଜନୀ ମହାକୁଡ, ଗଞ୍ଜାମ ବିଡିଓ ଜ୍ୟୋତି ଶଙ୍କର ରାୟ,

**୩୧ ସୁଦ୍ଧା ଅବଶିଷ୍ଟ ସାରିବାକୁ ନିର୍ଦ୍ଦେଶ**

ମଳାଡ ସରପଞ୍ଚ ପ୍ରଭାତ କୁମାର ସେଠୀ, ସ୍ୱେଚ୍ଛାସେବୀ ବୈକୁଣ୍ଠ ମହାରଣା, ହିଞ୍ଜିଳି ବିଡିଓ ପ୍ରସନ୍ନ କୁମାର ପାତ୍ର, ନନ୍ଦିକ ସରପଞ୍ଚ ଲିଲିବାଳା ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରକାଶ ଚନ୍ଦ୍ର ନାୟକ, ଜଗନ୍ନାଥପ୍ରସାଦ ବିଡିଓ ଅଶୋକ କୁମାର ବେହୁରିଆ, ଅଳସୁଗୁମ୍ଫା ସରପଞ୍ଚ ହୃଷୀକେଷ ନାୟକ, ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବେହେରା, କବିସୂର୍ଯ୍ୟନଗରର ବିଡିଓ ସତ୍ୟ ସୁନ୍ଦର ରାଉତ, ସରପଞ୍ଚ ସାବିତ୍ରୀ ତାରିଣୀ, ଚିରଞ୍ଜୀବ ତାରିଣୀ, ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି, ସ୍ୱେଚ୍ଛାସେବୀ ଜଗନ୍ନାଥ ପାଣିଗ୍ରାହୀ, ସୋରଡା ବ୍ଲକ ବାଲିଛାଇ ସରପଞ୍ଚ ମନୋଜ କୁମାର ପ୍ରଧାନ ଓ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ହଳଦିଆପଦର ସରପଞ୍ଚ ଏସ୍ ରାଜେଶ୍ୱରୀ ଦୋରା ସ୍ୱେଚ୍ଛାସେବୀ ବୁଲୁ ବେହେରା, ଖଲିକୋଟ ବ୍ଲକ କଞ୍ଚଣା ସରପଞ୍ଚ ଚିତ୍ରସେନ ଘୋଷଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ପ୍ରିୟ ରଞ୍ଜନ ପୃଷ୍ଟି, ଆରଡବ୍ଲ୍ୟୁଏସଏସର ବ୍ରହ୍ମପୁର ଡିଭିଜନର ନିର୍ବାହୀଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର ଓ ଭଞ୍ଜନଗର ଡିଭିଜନର ନିର୍ବାହୀଯନ୍ତ୍ରୀ ଅରବିନ୍ଦ ଜେନାଙ୍କ ସମେତ ବିଡିଓ, ଯନ୍ତ୍ରୀ, ସରପଞ୍ଚ, ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ବସ୍ ଧକ୍କାରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ୍,୧୯।୧୧:** ବ୍ରହ୍ମପୁର -ଭୁବନେଶ୍ୱର ଜାତୀୟ ରାଜପଥର ଜଗନ୍ନାଥପୁର ଛକରେ ସୋମବାର ରାତିରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ପୁରୁଷୋତ୍ତମପୁର ଥାନା ତାରାତାରିଣୀ ନିକଟସ୍ଥ ରାଇପୁର ଗ୍ରାମର ଶଙ୍କର ରଣା (୨୩) । ଶଙ୍କର ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଯାଉଥିବା ବେଳେ ଜଗନ୍ନାଥପୁର ଛକ ନିକଟରେ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ନଂ. ଓଆର୍ ୦୨ ବିଜି ୭୮୫୭ ପଛପଟୁ ଧକ୍କା ଦେଇଥିଲା । ଫଳରେ ରାସ୍ତା ଉପରେ ଶଙ୍କର ପଡିଯାଇଥିଲେ। ସଙ୍କଟାପନ୍ନ ସ୍ଥିତିରେ ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତିକରାଯାଇଥିଲା । ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଅପରପକ୍ଷେ ବସ୍ ଏବଂ ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ଚମାଖଣ୍ଡି ଥାନା ପକ୍ଷରୁ ସୂଚନା ମିଳିଛି ।

### ଟ୍ରକ୍ ଧକ୍କାରେ ଦୁଇ ଆହତ

ଭଞ୍ଜନଗର,୧୯।୧୧(ଡି.ଏନ.ଏ.)

ଭଞ୍ଜନଗର ଆସିକା ମୁଖ୍ୟ ରାସ୍ତାର ବାଉଁଶଲୁଣ୍ଡି ଠାରେ ସୋମବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ୨ଜଣ ଆହତ ହୋଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିଛି। ଏଥିସହ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଛି। ଟିକରପଡାର ଶତ୍ରୁଘ୍ନ ପ୍ରଧାନ ଓ ମମତା ପ୍ରଧାନ ବାଇକ୍‌ରେ ମିଶି ବୁଢାକେନ୍ଦୁରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଟ୍ରକଟି ପଛଆଡୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ମମତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି।

## ଗାଡି ମାଲିକଙ୍କ ମାଡରେ ଚାଳକଙ୍କ ମୃତ୍ୟୁ ଅଭିଯୋଗ

ବୁଗୁଡା,୧୯।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା କରସିଙ୍ଗି ପଞ୍ଚାୟତ ଜାମୁପଲ୍ଲୀ ଗ୍ରାମର ଜଣେ ଟିପ୍ପର ଚାଳକଙ୍କୁ ସୋମବାର ଗାଡି ମାଲିକ ଚାପୁଡା ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନିରଞ୍ଜନ ସେନାପତି (୫୫)। ଏନେଇ ତାଙ୍କ ସ୍ତ୍ରୀ ବୁଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୮୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଜାମୁପଲ୍ଲୀ ଗ୍ରାମର ନିରଞ୍ଜନ ପ୍ରାୟ ମାସେ ହେଲା ବୁଗୁଡ଼ା ସହର ଶକ୍ତିନଗର ଅଞ୍ଚଳର ଜଣେ ଗାଡି ମାଲିକଙ୍କ ଟିପ୍ପର ଚଳାଉଥିଲେ। ପ୍ରାୟ ୭ ଦିନ ହେଲା ପୁଅର ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁ ନିରଞ୍ଜନ ଗାଡି ଚଳାଇବାକୁ ଯାଉ ନ ଥିଲେ। ସୋମବାର ସକାଳେ ସେ ଶକ୍ତିନଗରସ୍ଥିତ ମାଲିକଙ୍କ ନିକଟକୁ ଆସିଥିଲେ। ମାଲିକ ଅନୁପସ୍ଥିତ ନେଇ ଗାଳିଗୁଲଜ କରିବା ସହ ତାଙ୍କୁ ଚାପୁଡା ମାରିଥିଲେ। ନିରଞ୍ଜନଙ୍କ ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଏବଂ ସେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ପରେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ଡ଼ାକ୍ତର ଘୋଷଣା କରିଥିଲେ। ସେଠାରେ ଥିବା ଜଣେ ଆଶାକର୍ମୀ ନିରଞ୍ଜନଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଜଣାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଗାଡି ମାଲିକଙ୍କ ନିକଟକୁ ଯାଇଥିଲେ। ସେଠାରେ ସେ ଶୁଣିବାକୁ ପାଇଲେ ଯେ ମାଲିକଙ୍କ ମାଡରେ ତାଙ୍କର ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଏନେଇ ସେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବୁଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଦାୟିତ୍ୱରେ ଥିବା ପୋଲସରା ଥାନାଧିକାରୀ ଜିତେନ୍ଦ୍ର ମଳିକ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୧୯।୧୧(ଡି.ଏନ.ଏ.)

ଆର.ଉଦୟଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ପିଣ୍ଟୁ ନାୟକ। ୧୬ ତାରିଖରେ ନାବାଳିକା ଜଣକ ଏକୁଟିଆ ପୋଖରୀକୁ ଗାଧୋଇ ଯାଉଥିବା ବେଳେ ପିଣ୍ଟୁ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ନବାଳିକାଙ୍କ ବାପା ଘଟଣା ସମ୍ପର୍କରେ ଗ୍ରାମ ବୈଠକରେ ଜଣାଇଥିଲେ। ତେବେ ଘଟଣା ଦିନଠାରୁ ପିଣ୍ଟୁ ଫେରାର ଥିବାରୁ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିଲା। ରବିବାର ସେ ଗ୍ରାମକୁ ଆସଥିବା ଜାଣି ରବିବାର ରାତିରେ ନାବାଳିକାଙ୍କ ବାପା ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ନଂ ୭୨/୧୮ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିଥିଲା । ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

## କାର୍ତ୍ତିକ ଶେଷ ସୋମବାରରେ ବୁଦ୍ଧଖୋଲରେ ଭିଡ଼


ବୁଦ୍ଧଖୋଲରେ ଭକ୍ତଙ୍କ ଭିଡ଼ ।

ବୁଗୁଡ଼ା,୧୯।୧୧(ଡି.ଏନ.ଏ.)

ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲରେ କାର୍ତ୍ତିକ ଶେଷ ସୋମବାର ଉପଲକ୍ଷେ ପଞ୍ଚ ମହାଦେବଙ୍କୁ ଦର୍ଶନ କରିବାକୁ ପ୍ରବଳ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବୁଦ୍ଧଖୋଲରେ ଗଙ୍ଗାଧରେଶ୍ୱର, ଜଗଦିଶ୍ୱର, ମକରେଶ୍ୱର, ସିଦ୍ଧେଶ୍ୱର, ବୁଦ୍ଧେଶ୍ୱର ଆଦି ପଞ୍ଚ ମହାଦେବଙ୍କୁ ଦର୍ଶନ କରିବାକୁ ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏଠାରେ ଥିବା ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଶ୍ରୀହନୁମାନ ଠାକୁର ଓ ଝରଣାର ମଜା ଭକ୍ତମାନେ ନେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବୁଦ୍ଧଖୋଲ ଉନ୍ନୟନ ସମିତିର ସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ ସଜାଗ ଥିଲେ।

## ବିଜେଡିର ଜନସମ୍ପର୍କ ରାଲି

କବିସୂର୍ଯ୍ୟନଗର,୧୯।୧୧

କବିସୂର୍ଯ୍ୟନଗର ଏନ୍‌ଏସି ବିଜେଡି ନଗର ସଭାପତି ଭଗବାନ ସ୍ୱାଇଁ ଓ ବ୍ଲକ ବିଜେଡି ସଭାପତି ସୁରଥ ପ୍ରଧାନଙ୍କ ନେତୃତ୍ୱରେ ଜନସମ୍ପର୍କ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଏନଏସି ସମେତ ସମସ୍ତ ୯ ପଞ୍ଚାୟତରେ ବାଇକ୍ ରାଲି ସହ ଜନସମ୍ପର୍କ ସଭା ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା, ଜିଲା ବିଜେଡି ସମ୍ପାଦକ ନିରଞ୍ଜନ ସାହୁ, ରାଜ୍ୟ ଜିଲା ଯୁବ ବିଜେଡି ଉପସଭାପତି ସୁରଜ କୁମାର ରେଢ୍ଡୀ, ବ୍ଲକ ଯୁବ ବିଜେଡି ସଭାପତି ବ୍ରଜ ସୁନ୍ଦର ମଳିକ, ନଗର ଯୁବ ବିଜେଡି ସଭାପତି ସୂର୍ଯ୍ୟ ନାରାୟଣ ନାୟକ, ବରିଷ୍ଠ ବିଜେଡି ନେତା ଭକ୍ତ ଚରଣ ନାୟକଙ୍କ ସମେତ ସମସ୍ତ


ବାଇକ୍ ରାଲି।

ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ। ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ସ୍ୱଚ୍ଛ, ନିର୍ମଳ, ଦୁର୍ନୀତିମୁକ୍ତ, ପ୍ରଗତିପୂର୍ଣ୍ଣ କାର୍ଯ୍ୟକୁ ନେତାମାନେ ପ୍ରଶଂସା କରିଥିଲେ। ପୁଣି ତାଙ୍କୁ ଜନହିତକର କାର୍ଯ୍ୟ କରିବାକୁ ସୁଯୋଗ ଦେବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା ।

### ଈଶାଣେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼

କନିଷି,୧୯।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମସ୍ଥିତ ଇଶାଣେଶ୍ୱର ମହାଦେବଙ୍କ ନିକଟରେ ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାର ଉପଲକ୍ଷେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଅଷ୍ଟଶମ୍ଭୁ, ରାଳବ, କୋଳଥିଗାଁ, ଭାବିନିପୁର, ଗଉଞ୍ଜୁ, ଲାଠି, ସିନ୍ଦୁରପୁର, ସୁକୁଣ୍ଡା ପ୍ରଭୃତି ଶୈବପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡିଛି।

## କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର, ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ବଣ୍ଟନ

ଗୋପାଳପୁର,୧୯।୧୧

ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଦ୍ୱାରା ଗତ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରକୁ ୧୫ ଦିନର ରିଲିଫ ସହାୟତା ବଣ୍ଟନ କରାଯିବା ସହ ଦୁମୁଦୁମି ଗ୍ରାମରେ କଲ୍ୟାଣ ମଣ୍ଡପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ କୁମାର ନାଗଭୂଷଣ ଉପସ୍ଥିତ ଥିଲେ। ତିତ୍‌ଲି ସହାୟତା ବାବଦରେ ପଦ୍ମପୁର ପଞ୍ଚାୟତର ୧୨୭୯ ପରିବାରକୁ ୪୪,୩୯,୦୨୫ ଟଙ୍କା ପ୍ରଦାନ କରାଯାଇଥିଲା। କରାପଲ୍ଲୀ ପଞ୍ଚାୟତର ୧୫୮୪ ପରିବାରକୁ ୫୪ ଲକ୍ଷ ୨୯ ହଜାର ୪୭୫, ଫୁଲଟା ପଞ୍ଚାୟତର ୧୯୪୭ ପରିବାରକୁ ୬୬ ଲକ୍ଷ ୫୪ ହଜାର ୮୨୫ ଟଙ୍କା, କୋଳଥିଗାଁ ପଞ୍ଚାୟତର ୧୪୪୮ ପରିବାରକୁ ୪୯


 କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି ବିଧାୟକ ।

ଲକ୍ଷ ୫୦ ହଜାର ୨୨୫ ଟଙ୍କା, ଡୁରା ପଞ୍ଚାୟତର ୨୧୮୭ ପରିବାରକୁ ୭୫ ଲକ୍ଷ ୭୧ ହଜାର ୭ଶହ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଚିକରଡ଼ା ପଞ୍ଚାୟତର କ୍ଷତିଗ୍ରସ୍ତ ପରିବାରକୁ ମଧ ଆର୍ଥିକ ସହାୟତା ଦିଆଯାଇଛି। ତିତ୍‌ଲିରେ ବାସଗୃହ ନଷ୍ଟ ହୋଇଥିବା ନେଇ ଏହି ଅବସରରେ କେତେଜଣ ବ୍ୟକ୍ତି ବିଧାୟକଙ୍କୁ ଜଣାଇଥିଲେ। ତେବେ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ପରିବାରକୁ ଗୃହ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ସହ ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ଏସ. ଶ୍ରୀନୁ ରେଡ୍ଡୀ, ଶଶିଭୂଷଣ ମହାନ୍ତି, ବ୍ଲକ ବିଜେଡି ସଭାପତି ସିଏଚ ଭରତ ପାତ୍ର, ମଞ୍ଜୁଶ୍ରୀ ଦଳାଇ, ବିଷ୍ଣୁପ୍ରିୟା ନାୟକ, ପ୍ରକାଶ ସେଠୀ, ପ୍ରକାଶ ଚନ୍ଦ୍ର ସାମଲ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦଳରୁ ଇସ୍ତଫା ଦେଲେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି

ସୋରଡା,୧୯।୧୧(ଡି.ଏନ୍.ଏ.)

ସୋରଡା ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ପ୍ରମୋଦ ପଟ୍ଟନାୟକ ସୋମବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଏହାର ଏକ ନକଲ


ଇସ୍ତଫା ପତ୍ର।

ଜିଲା କଂଗ୍ରେସ ସଭାପତିଙ୍କ ନିକଟକୁ ମଧ ପଠାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ଏକାନ୍ତ ଅନୁଗତ ଥିଲେ ପ୍ରମୋଦ। ଚନ୍ଦ୍ରଶେଖର କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ସେ ମଧ ବିଜେଡିରେ ଯୋଗ ଦେବା ନେଇ ଶୁଣିବାକୁ ମିଳୁଥିଲା। ମାତ୍ର ଇସ୍ତଫା ପରେ ସେ କେଉଁ ଦଳରେ ଯୋଗ ଦେବେ ସେ ନେଇ କିଛି ସ୍ପଷ୍ଟ କରି ନାହାନ୍ତି।

### ଋଷିକୁଲ୍ୟା ଘାଟ, ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ଆସିକା,୧୯।୧୧ (ଡି.ଏନ୍.ଏ.):

ଆସିକା ସହର ନିକଟବର୍ତ୍ତୀ ଋଷିକୂଲ୍ୟା ନଦୀର ବିଭିନ୍ନ ଘାଟରେ ସୋମବାର ଭୋରରୁ ପଞ୍ଚକ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ସେହିପରି କାର୍ତ୍ତିକ ଶେଷ ସୋମବାର ଲାଗି ବିଭିନ୍ନ ଶୈବ ପୀଠରେ ମଧ ଭିଡ ଜମିଥିଲା । ଆସିକା ବ୍ଲକରେ ଥିବା ଚନ୍ଦ୍ରକଣ୍ଠେଶ୍ୱର, ସୁବର୍ଣ୍ଣେଶ୍ୱର, ତ୍ରିବିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର, ନର୍ମଦେଶ୍ୱର, ପୁତୁଗେଶ୍ୱର, ନୀଳକଣ୍ଠେଶ୍ୱର ଆଦି ଶୈବ ପୀଠରେ ଅପରାହ୍ନ ୩ଟା ଯାଏଁ ଭକ୍ତଙ୍କ ପୂଜାର୍ଚ୍ଚନା ଚାଲିଥିଲା । ସେହିପରି ବଡ ଏକାଦଶୀ ପାଇଁ ସୁନାମ୍ବସାହିସ୍ଥିତ ବଡ ଜଗନ୍ନାଥ ମନ୍ଦିର, ବଜାର ସାହି ଓ ଖମ୍ବେଶ୍ୱରୀପାଟଣା ଜଗନ୍ନାଥ ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ଭିଡ ଲକ୍ଷ୍ୟ କରାଯାଇଥିଲା ।

## ସଂକ୍ଷେପରେ

### ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା
### ଚେସ୍ ୮, ଖୋ-ଖୋ ୧୨ ଖେଳାଳି ମନୋନୀତ



**ବ୍ରହ୍ମପୁର ଅଫିସ,୧୯।୧୧:** ପୁରୁଷ ଓ ମହିଳା ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ ପ୍ରତିଯୋଗିତା ବୁଧବାରରୁ ଆରମ୍ଭ ହେବ । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତା ନଭେମ୍ବର ୨୪ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦଳ ଚୟନ ଶେଷ ହୋଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଚୟନ ହୋଇଥିବା ୪ ପୁରୁଷ ଓ ୪ ଜଣିଆ ମହିଳା ଦଳ ମଙ୍ଗଳବାର ଭୁବନେଶ୍ୱର ଗସ୍ତ କରିବେ । ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ପିଇଟି ଗଙ୍ଗାଧର ପଣ୍ଡା ମ୍ୟାନେଜର ଓ କୋଚ ଭାବେ ବିନାୟକ ରଥ ଦଳ ସହ ଭୁବନେଶ୍ୱର ଗସ୍ତ କରିବେ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ବୁଧବାର ଠାରୁ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ପ୍ରତିଯୋଗିତା ପାଇଁ ମଧ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଦଳ ଘୋଷଣା କରାଯାଇଛି । ଏଥିପାଇଁ ଚୟନ ହୋଇଥିବା ୧୨ ଜଣିଆ ଦଳ ସହ ମ୍ୟାନେଜର ଭାବେ ସୁଧାଂଶୁ କୁମାର ପଣ୍ଡା ଓ କୋଚ ସନ୍ତୋଷ କୁମାର ବିଷୋୟୀ ମଙ୍ଗଳବାର ଭୁବନେଶ୍ୱର ଗସ୍ତ କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ, ସହ ସମ୍ପାଦକ ରାଜେଶ କୁମାର ମହାନ୍ତି, ଏସ୍. କ୍ରିଷ୍ଣାରେଡ୍ଡୀ, ସ୍ପୋର୍ଟସ ଅଫିସର ରବି ଚରଣ ମିଶ୍ର, ସରୋଜ କୁମାର ପାଢୀ, ଜି. ସତ୍ୟନାରାୟଣ, କେ. ରଘୁନାଥ ରେଡ୍ଡୀ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ମେଧାବୃତ୍ତି ପରୀକ୍ଷା ଦେଲେ ୨୪୯

**ପୋଲସରା,୧୯।୧୧(ଡି.ଏନ.ଏ.):** ପୋଲସରା ସହରସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଗଣିତ ମେଧାବୃତ୍ତି ପରୀକ୍ଷା ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଷ୍ଟେଜ-୧ରେ ୧୧୦ ଜଣ ଓ ଷ୍ଟେଜ-୨ରେ ୧୫୬ ଜଣ ଏହିପରି ମୋଟ ୨୬୬ ଛାତ୍ରୀଛାତ୍ର ପରୀକ୍ଷା ଦେବାର କାର୍ଯ୍ୟକ୍ରମ ରହିଥିଲା। ସୋମବାର ୨୪୯ ଜଣ ପରୀକ୍ଷା ଦେଇଥିଲେ। ମୋଟ ୧୭ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ପରୀକ୍ଷା କେନ୍ଦ୍ରର ଡେପୁଟି ସୁପରିଟେଣ୍ଡେଣ୍ଟ୍ ପ୍ରଫୁଲ୍ଲ ଚନ୍ଦ୍ର ରଥ ସୂଚନା ଦେଇଛନ୍ତି। ସୂର୍ଯ୍ୟ ନାରାୟଣ ସାହୁ, କେ. ମମତା କୁମାରୀ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷ୍ମୀ ଚରଣ ଶତପଥୀ, ପ୍ରିୟଙ୍କା ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

## କ୍ୟାଡର୍ ରୁଲ୍ ପ୍ରଣୟନ ଦାବି
# ଆନ୍ଦୋଳନକୁ ଓହ୍ଲାଇବ ଓଇଏସ୍ ସଂଘ

**ବ୍ରହ୍ମପୁର ଅଫିସ/ଛତ୍ରପୁର, ୧୯।୧୧ (ଡି.ଏନ.ଏ.)**

କ୍ୟାଡର୍ ରୁଲ୍ ପ୍ରଣୟନ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଥିଲେ ମଧ୍ୟ ପୂରଣ ହୋଇପାରୁ ନାହିଁ । ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି ଓଡ଼ିଶା ଶିକ୍ଷା ସେବା ସଂଘ(ଓଇଏସ୍ଏ) । ସୋମବାର ଏନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଦାବି ପୂରଣ ନ ହେଲେ ଆସନ୍ତା ୨୬ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି ।

ସଂଘ ତରଫରୁ କୁହାଯାଇଛି, ଓଡ଼ିଶା ଶିକ୍ଷା ସେବା କ୍ଷେତ୍ରରେ କ୍ୟାଡର୍ ନିୟମ ପ୍ରଚଳନ ପାଇଁ ଅହେତୁକ ବିଳମ୍ବ ଏବଂ ବୈମାତୃକ ମନୋଭବ ଦେଖାଉଛନ୍ତି। ୧୯୭୧ ଓଡ଼ିଶା ଶିକ୍ଷା ସେବା ପାଇଁ ଲୋକସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଥିଲା । ହେଲେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଶିକ୍ଷା ସେବା ଅଧିକାରୀଙ୍କ ପାଇଁ ଏକ କ୍ୟାଡର୍ ରୁଲ୍ ପ୍ରଣୟନ ହୋଇନାହିଁ । ଫଳରେ ଶିକ୍ଷା ସେବା ଅଧିକାରୀମାନେ ଉପଯୁକ୍ତ ପଦୋନ୍ନତି ଏବଂ ସୁବିଧା ପାଇପାରୁ ନାହାନ୍ତି । ଅନେକ ଶିକ୍ଷା ସେବା ଅଧିକାରୀ ପଦୋନ୍ନତି ନ ପାଇ ଅବସର ନେଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ଅନେକ ବିଭାଗର କ୍ୟାଡର୍ ପୁନର୍ବିନ୍ୟାସ କରିଛନ୍ତି । ଅଥଚ ଶିକ୍ଷା ବିଭାଗକୁ ଅବହେଳା କରୁଛନ୍ତି। ରାଜ୍ୟର ଅଢ଼େଇ ଲକ୍ଷ ଶିକ୍ଷକ ଏବଂ ୭୬ ଲକ୍ଷ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷା ବିଭାଗ ପରିଚାଳିତ। ୨୦୧୭ ମେ' ୩୧ ଏବଂ ୨୦୧୮ ମେ' ୧୭ତାରିଖରେ ଅର୍ଥ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶିକ୍ଷା ସେବା ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କ୍ୟାଡର୍ ପୁନର୍ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ତାହା ସରକାରଙ୍କ ଅନୁମୋଦନ ଲାଭ କରିପାରିନାହିଁ। ଅର୍ଥ ବିଭାଗର ନାଲି ଫିତା ତଳେ ଚାପି ହୋଇଯାଇଛି । ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସରକାର ବିଭିନ୍ନ ପ୍ରକାର ଶିକ୍ଷା ଯୋଜନାର ତଦାରଖ ଦାୟିତ୍ୱ ଦେଇଛନ୍ତି। ଅଥଚ ଯାତାୟାତ ପାଇଁ ଗାଡ଼ି ବ୍ୟବସ୍ଥା କରିନାହାନ୍ତି। ୭ଦିନ ମଧ୍ୟରେ ଶିକ୍ଷା ସେବା ଅଧିକାରୀଙ୍କ ଦାବି ପୂରଣ ନ ହେଲେ ୨୬ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯିବାକୁ ଚେତାବନୀ


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

### ଠପ୍ ହେବ ଶିକ୍ଷା ବ୍ୟବସ୍ଥା

ଦିଆଯାଇଛି । ରବିବାର ସଂଘର ଜରୁରୀ ବୈଠକ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜ୍ ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି । ସମସ୍ତ ଜିଲାରେ ଆନ୍ଦୋଳନ ଜୋର୍‌ଦାର୍ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି । ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ସମେତ ଗୋଷ୍ଠୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସମର୍ଥନ

ଓଇଏସ୍ଏ ଆନ୍ଦୋଳନକୁ ସମର୍ଥନ କରିଛି ଗଞ୍ଜାମ ଜିଲା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ। ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ଦାବି ହାସଲ ପାଇଁ ଓଇଏସ୍ଏ ଗ୍ରହଣ କରିଥିବା ଆନ୍ଦୋଳନାତ୍ମକ ନିଷ୍ପତ୍ତି ଯଥାର୍ଥ। କ୍ୟାଡର୍ ରୁଲ୍ ପ୍ରଚଳନ ପାଇଁ ସରକାର କେବଳ ପ୍ରତିଶ୍ରୁତି ଦେଉଛନ୍ତି, ପୂରଣ କରୁନାହାନ୍ତି । ଶିକ୍ଷା ବିକାଶ ସମ୍ପର୍କିତ ଯୋଜନାଗୁଡ଼ିକର ସଫଳ ରୂପାୟନରେ ଓଇଏସ୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ସରକାରଙ୍କ ଏଭଳି ମନୋଭାବ ଗୁଣାତ୍ମକ ଶିକ୍ଷାର ଉନ୍ନତିରେ କୁଠାରାଘାତ ସଦୃଶ। ଏଣୁ ଆନ୍ଦୋଳନକୁ ସମର୍ଥନ କରାଯିବ ବୋଲି ଜିଲା ସଭାପତି ଜିତେନ୍ଦ୍ର କୁମାର ମହାରଣା, ସାଧାରଣ ସମ୍ପାଦକ ପ୍ରିୟତୋଷ ପାଢୀ, କୋଷାଧ୍ୟକ୍ଷ କେ.ଜ୍ଞାନ ପ୍ରକାଶ ଆଚାରୀ, ଉପସଭାପତି ଅରାଧେଶ୍ୱର ପଟ୍ଟନାୟକ, ସୁରେଶ ପାତ୍ର, ସନ୍ତୋଷ ରାଓ ଦୋରା, ମହିଳା ମୋର୍ଚ୍ଚା ସମ୍ପାଦିକା ସୁକାନ୍ତି ମହାଙ୍କୁଡ଼, ସୁଚିତ୍ରା ପାଣିଗ୍ରାହୀ, କୁସୁମ କୁମାରୀ ବେହେରା, ଯୁଗ୍ମ ସମ୍ପାଦକ ଗିରିଜା ପାତ୍ର, ଗୋପୀ ରଞ୍ଜନ ଜେନା, ସୀମାଞ୍ଚଳ ସାହୁ, ଶ୍ରୀନିବାସ ରାଓ, ଶାନ୍ତନୁ ମହାଲିକ, ନିରଞ୍ଜନ ନାୟକ, ସମୀର ବେହେରା, ମନୋଜ ମହାଣୀ, ରଙ୍ଗନାଥ ମିଶ୍ର, କାର୍ଯ୍ୟକାରିଣୀ ସମ୍ପାଦକ ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟା ସଦସ୍ୟମାନେ ପ୍ରକାଶ କରିଛନ୍ତି ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିଲା କଂଗ୍ରେସ

**ବ୍ରହ୍ମପୁର ଅଫିସ,୧୯।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ସୋମବାର ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ବ୍ରହ୍ମପୁରରେ ପାଳିତ ହୋଇଥିଲା। ନେତା ଓ କର୍ମୀମାନେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମୂହ ପ୍ରାର୍ଥନା କରିଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ହୋଇଥିବା ସ୍ମୃତିଚାରଣ ସଭାରେ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, ପିସିସି କାର୍ଯ୍ୟକର୍ତ୍ତା ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ଶିବରାମ ପାତ୍ର, ଭୋକାଲି ସେଠୀ, ନାରାୟଣ ନାୟକ, ସିଦ୍ଧାନ୍ତ ସାହୁ, ଭାଲୁ ପାଣିଗ୍ରାହୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଇନ୍ଦିରାଙ୍କ ଶାସନରେ ହୋଇ ବ୍ୟାଙ୍କ ଜାତୀୟକରଣ, ନୂତନ ରାଜ୍ୟ ଗଠନ ଓ ଗରିବୀ ହଟାଅ ଆଦି ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜା ଓ ଜମିଦାରମାନଙ୍କ ହାତପାଣ୍ଠି ଉଚ୍ଛେଦ କରି ଦେଶ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କୁ ଭତ୍ତା ପ୍ରଦାନ ଐତିହାସିକ କାର୍ଯ୍ୟକ୍ରମ ନେଇ ମନେ ପକାଇ ଦିଆଯାଇଥିଲା । କର୍ମୀ ଓ ନେତା ସେହି ମହାନ ନେତ୍ରୀଙ୍କ ସ୍ମୃତିଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ନ୍ୟାୟ ପାଇବାକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ବ୍ରହ୍ମପୁର ଅଫିସ୍,୧୯।୧୧**

ଛତ୍ରପୁର ଅଞ୍ଚଳର ମହିଳା ଡାକ୍ତର ଅର୍ଚ୍ଚନା ଦାଶଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଡାକ୍ତର ସ୍ୱାମୀ ଅଞ୍ଜନ ଦାଶଙ୍କୁ ଛତ୍ରପୁର ପୋଲିସ ଗିରଫ କରିବାରେ ବିଫଳ ହେବା ପରେ ମୃତା ଡାକ୍ତରଙ୍କ ମା' କୁସୁମପ୍ରଭା ମିଶ୍ର ସୋମବାର ନ୍ୟାୟ ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଉକ୍ତ ଚିଠିକୁ ଡାକ ମାଧ୍ୟମରେ ପଠାଇଥିବା ଜଣାଇଛନ୍ତି। ସୋମବାର ଡାକ୍ତରଙ୍କ ମା' କୁସୁମପ୍ରଭା ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂଙ୍କୁ ଭେଟିବା ପାଇଁ ଆସିଥିବା ବେଳେ ତାହା ସମ୍ଭବ ହୋଇପାରି ନ ଥିଲା। ପରେ ସେ ଚିଠି ଲେଖିଥିବା ବେଳେ ଏକକିତା ନକଲ ପୋଲିସ ମହାନିର୍ଦ୍ଦେଶକଙ୍କୁ ପଠାଇଥିବା ସେ ଜଣାଇଛନ୍ତି। ପୂର୍ବରୁ ମଧ୍ୟ ବହୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଜିଲାପାଳ ବିଜୟ ଅମୃତା


ପ୍ରଧାନମନ୍ତ୍ରୀଙ୍କୁ ପ୍ରେରଣ କରିଥିବା ଚିଠିକୁ ଡାକ୍ତରଙ୍କ ମା' କୁସୁମପ୍ରଭା ମିଶ୍ର ଦେଖାଉଛନ୍ତି।

କୁଲାଙ୍ଗେ ଏବଂ ଡିଆଇଜିଙ୍କୁ ଗୁହାରି କରିଥିଲେ ମଧ୍ୟ ଉକ୍ତ ମାମଲାରେ କୌଣସି ଉନ୍ନତି ଆସିପାରି ନ ଥିବାରୁ ପରିବାରବର୍ଗ ପୋଲିସ ଉପରୁ ଆସ୍ଥା

### ଡାକ୍ତରଙ୍କ ଆତ୍ମହତ୍ୟା ମାମଲା

ହରାଇ ଦେଇଥିବା ସେ କହିଛନ୍ତି। ପ୍ରକାଶଯେ, ଅଞ୍ଜନ ଛାଡପତ୍ର ପାଇଁ ଗତ ଅଗଷ୍ଟ ୨ ତାରିଖରେ ଭୁବନେଶ୍ୱରସ୍ଥିତ ପରିବାର କୋର୍ଟରେ ପିଟିଶନ୍ ପକାଇଥିଲେ। ଅଗଷ୍ଟ ୭ରେ ଅର୍ଚ୍ଚନାଙ୍କ ନିକଟରେ କୋର୍ଟ ନୋଟିସ୍ ପହଞ୍ଚିଥିଲା। ଛାଡପତ୍ର ଦେବା ପାଇଁ ଡାକ୍ତର ସ୍ୱାମୀ ବାରମ୍ବାର ଅର୍ଚ୍ଚନାଙ୍କୁ ଚାପ ପକାଉଥିଲେ। ଗଷ୍ଟ ୧୬ରେ ଅର୍ଚ୍ଚନା ମାନସିକ ଭାରସାମ୍ୟ ହରାଇ ଟ୍ରେନ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ବର୍ଗ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୧୨/୧୮ରେ ମାମଲା ରୁଜୁ କରି ଡାକ୍ତର ଅଞ୍ଜନଙ୍କ ପରିବାର ବର୍ଗଙ୍କୁ ଥାନାକୁ ଡକାଇ ପଚରା ଉଚୁରା କରି ଛାଡି ଦେଇଥିଲା। ଅଭିଯୁକ୍ତ ଡାକ୍ତର ସ୍ୱାମୀଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି।

ସୂଚନାଯୋଗ୍ୟ, ଅର୍ଚ୍ଚନାଙ୍କ ଆତ୍ମହତ୍ୟା ଘଟଣା ପରେ ଡାକ୍ତର ଅଞ୍ଜନ ଗିରଫ ଭୟରେ କେଉଁଆଡେ ଫେରାର ହୋଇଯାଇଛନ୍ତି। ତେବେ ସେ ହାଇକୋର୍ଟର ୧୨୮୬୩/୧୮ରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିବା ବେଳେ ଡିସେମ୍ବର ୧୧ ତାରିଖରେ ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ତେବେ ସେ ଯେପରି ଜାମିନ ନ ପାଆନ୍ତି ସେନେଇ କୁସୁମପ୍ରଭା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଅଞ୍ଜନ କାର୍ଯ୍ୟ କରୁଥିବା ଆପୋଲ ହସ୍‌ପିଟାଲ ଏବଂ ଭୁବନେଶ୍ୱରସ୍ଥିତ ବାସଭବନକୁ ଯାଇ ସମସ୍ତ ଶିକ୍ଷାଗତ ପ୍ରମାଣ ପତ୍ର ପୋଲିସ ଜବତ କରିଥିବା ବେଳେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି, ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଡିଆଇଜି ଜଣାଇଛନ୍ତି।

## ରକ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀର ଆଲୁମ୍‌ନି ମିଟ୍


ଆଲୁମ୍‌ନି ମିଟ୍‌ରେ ଜଣେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୧୯।୧୧:** ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ରକ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ସନ୍ଧ୍ୟାରେ ଆଲୁମ୍‌ନି ମିଟ୍-୨୦୧୮ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଭି ସ୍କୁଲ୍ ଅଧ୍ୟକ୍ଷ ଡୀପ୍ ଗମ୍ଭୀର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡି ନେତା ଭଗବାନ ଗନ୍ତାୟତ, ବିକ୍ରମ ପଣ୍ଡା, ସଂଘମିତ୍ରା ଦଳାଇ, କେ.ମୁରଲୀ ମୋହନ, ପ୍ରମୋଦ ଜେନା ଓ ବାବୁ ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ କାହ୍ନୁ ରାଉତ ଉଦ୍‌ଘୋଷକ ଭାବେ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଡ୍ୟାନ୍ସ ଆକାଡେମୀର ୨୦୦ରୁ ଊର୍ଦ୍ଧ୍ୱ କଳାକାର ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସି.ଏଚ. ବିଜୟ କୁମାର, ୱାଇ.ଗୋପାଳକୃଷ୍ଣ, କେ.ତାରିଣୀ ରାଓ, ଟୁକୁନା ସାହୁ, ରବି ସନ୍ତୋଷ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## କାର୍ତ୍ତିକ ଶେଷ ସୋମବାର, ଏକାଦଶୀ, ପଞ୍ଚୁକ ବ୍ରତ


ସ୍ଫଟିକ ଲିଙ୍ଗରେ ପୂଜାର୍ଚ୍ଚନା କରାଯାଉଛି ।

ବ୍ରହ୍ମପୁର ଅଫିସ,୧୯।୧୧-କାର୍ତ୍ତିକ ଶେଷ ସୋମବାର । ବ୍ରହ୍ମପୁର ସମେତ ପାର୍ଶ୍ୱ ଅଞ୍ଚଳର ଶୈବପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା । ଦର୍ଶନ ପାଇଁ ଭୋରରୁ ମନ୍ଦିର ମାନଙ୍କରେ ଲମ୍ବାଧାଡ଼ି ଲାଗିଥିଲା। ଅପରପକ୍ଷରେ ବଡ଼ ଏକାଦଶୀରେ ଶ୍ରୀଜଗନ୍ନାଥ ଓ ଅନ୍ୟ ବିଷ୍ଣୁ ମନ୍ଦିରରେ ହବିଷ୍ୟାଳିମାନେ ପୂଜାର୍ଚ୍ଚନା କରିଥିଲେ। ନୀଳକଣ୍ଠେଶ୍ୱର, ଗୋକର୍ଣ୍ଣେଶ୍ୱର, ମୁକ୍ତେଶ୍ୱର, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର, ଉତ୍ତରେଶ୍ୱର, କପିଳେଶ୍ୱର, ସକଳେଶ୍ୱର, ଶ୍ମଶାନେଶ୍ୱର, ଗଙ୍ଗାଧରେଶ୍ୱର (ପାଣି ମହାପ୍ରଭୁ) ଉପକଣ୍ଠ ହଳଦିଆପଦର ଷଣ୍ଢେଶ୍ୱର, ଚନ୍ଦ୍ରଚୂଡ଼େଶ୍ୱର, ଗୋଳନ୍ଥରା ଈଶାଣେଶ୍ୱର, ଲାଠି ଅଷ୍ଟଶମ୍ଭୁ ମହାଦେବଙ୍କ ଦର୍ଶନ ପାଇଁ ବଡ଼ି ଭୋରରୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିଲା । ସେହିପରି ଲାଞ୍ଜିପଲ୍ଲୀର ମାର୍କଣ୍ଡେଶ୍ୱର, ଶିଳ୍ପାଞ୍ଚଳର ସକଳେଶ୍ୱର, ଆଙ୍କୁଲିର ଶ୍ମଶାନେଶ୍ୱର, ଗୋଳାବନ୍ଧ ସମୁଦ୍ର ପାର୍ଶ୍ୱସ୍ଥ ଧବଳେଶ୍ୱର, ନିମଖଣ୍ଡିର ନର୍ମଦେଶ୍ୱର ଆଦି ପୀଠରେ ଗହଳି ହୋଇଥିଲା ।


ଗଙ୍ଗାଧରେଶ୍ୱର ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡ଼ି ।


ଉତ୍ତରେଶ୍ୱର ମନ୍ଦିରରେ ବଡ଼ ଏକାଦଶୀ ଦର୍ଶନ ପାଇଁ ଭିଡ଼ ।


ପଞ୍ଚୁକ ଏବଂ କାର୍ତ୍ତିକ ମାସ ଶେଷ ସୋମବାର ଅବସରରେ ବ୍ରହ୍ମପୁରସ୍ଥିତ ଚନ୍ଦ୍ରଚୂଡ଼େଶ୍ୱର ମନ୍ଦିରରେ ମହିଳାଙ୍କ ପୂଜାର୍ଚ୍ଚନା ।


ନୀଳକଣ୍ଠେଶ୍ୱରରେ ଭକ୍ତଙ୍କ ପ୍ରସାଦ ସେବନ ।

## ସଂକ୍ଷେପରେ

### ଏନ୍‌ସିସି ଦିବସ ପାଳିତ

**ବୁଗୁଡ଼ା,୧୯।୧୧(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲରେ ରବିବାର ୭୨ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନସିସି ଛାତ୍ରମାନଙ୍କ ମିଳିତ ପରେଡରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିଭାଦନ ଗ୍ରହଣ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଙ୍କ ସମେତ କ୍ରୀଡ଼ା ଶିକ୍ଷକ ବିଶମ୍ଭର ଗିରି ଯୋଗଦେଇ ଏନ୍‌ସିସି ଛାତ୍ରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପରାମର୍ଶ ଦେବା ସହ ଶୃଙ୍ଖଳିତ ହୋଇ ସେବା କରିବାକୁ ପରାମର୍ଶ ଦେଇଥିଲେ । ଏନ୍‌ସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ପରିଚାଳନା କରିଥିଲେ । ଏଥିରେ ୫୦ ଜଣ ଏନ୍‌ସିସି ଛାତ୍ର ଯୋଗ ଦେଇଥିଲେ ।

### କନିଷି ହାଟରେ ଅଷ୍ଟପ୍ରହର ନାମଯଜ୍ଞ

**କନିଷି,୧୯।୧୧(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ମା' ଗିରୀଜା ବାସିନୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାର ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ଭାଟଖାଲି, କାର୍ତ୍ତିପୁର, କୋଲଥିଗାଁ, ଡ଼ଙ୍କଲପାଡୁ, ଢ଼େପନାଗୁଡ଼ା, ମେଦିନୀପୁର ପ୍ରଭୃତି ଗ୍ରାମର ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ। ପୁରୋହିତ ପଣ୍ଡିତ ରାଜେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିବା ବେଳେ ସମାଜସେବୀ ସନତ କୁମାର ନାୟକ, ସୁଭାଶିଷ ସାହୁ ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

**ଶଙ୍କରାଖୋଲ,୧୯।୧୧(ଡି.ଏନ୍.ଏ):** ମାଧମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚକାପାଦ ବ୍ଲକ ଶଙ୍କରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଟିକାବାଲିରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଛି। ଶଙ୍କରାଖୋଲ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଓ ନବମ ଶ୍ରେଣୀର ୧୨୧ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ଚକାପାଦ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଜୀ ଲାଲ ପ୍ରଧାନ, ସିଆରସିସି ପ୍ରଶାନ୍ତ କୁମାର ସାହୁ, ପ୍ରଧାନ ଶିକ୍ଷକ ଜଗନ୍ନାଥ ସାହାଣୀ ପରୀକ୍ଷା ପରିଚାଳନା କରିଥିଲେ। ସେହିପରି ଟିକାବାଲି ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଓ ନବମ ଶ୍ରେଣୀରେ ୧୦୦ଜଣ ଛାତ୍ରୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ରହିଥିଲେ। ଉକ୍ତ ପରୀକ୍ଷାକୁ ଟିକାବାଲି ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ଗୁଣମଣି ପାଟ୍ଟଯୋଗୀ ଓ ପ୍ରଧାନ ଶିକ୍ଷକ କାଳୁ ସ୍ୱାଇଁ ପରିଚାଳନା କରିଥିଲେ।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ୍,୧୯।୧୧



ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ପିପିପି ଯୋଜନା ବନ୍ଦ କରିବା ଏବଂ ବ୍ରହ୍ମପୁର ବଡ ମେଡିକାଲର ସୁର ସ୍ପେସିଆଲିଟି ବ୍ଲକକୁ କାର୍ଯ୍ୟକ୍ଷମ କରିବା ଦାବିରେ ସୋମବାର ସନ୍ଧ୍ୟାରେ ରାମଲିଙ୍ଗମ ଟ୍ୟାଙ୍କ୍ ଛକରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ୬୯ ତମ ଘଣ୍ଟଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଡାକ ଯୋଗେ ପ୍ରେରଣ କରାଯାଇଛି ।

ପ୍ରକାଶଯେ, ବଡ ମେଡିକାଲରେ ୫୬ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ବିଭାଗ ନିର୍ମାଣ କରାଯାଇଛି। ଏହାର ଉଦ୍‌ଘାଟନୀକୁ ଏକବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ କାର୍ଯ୍ୟକ୍ଷମ ନ ହୋଇ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଭୂତକୋଠି ପାଲଟିବାରେ ଲାଗିଲାଣି ବୋଲି ଅଭିଯୋଗ ହୋଇଛି । ସେହିପରି ପିପିପି (ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍) ଯୋଜନା ମାଧ୍ୟମରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ବ୍ୟବସାୟିକ ଅନୁଷ୍ଠାନରେ ପରିଣତ କରାଯିବା ନେଇ ଯେଉଁ ଘୃଣ୍ୟ ଷଡଯନ୍ତ୍ର ପ୍ରସ୍ତୁତ କରାଯାଉଛି ସେଥିପାଇଁ ବିଭିନ୍ନ ଆନ୍ତଃ ରାଷ୍ଟ୍ରୀୟ ଘରୋଇ କମ୍ପାନୀଗୁଡ଼ିକୁ ଆକର୍ଷଣ କରାଯିବା ପାଇଁ ଏହି ବହୁ ମହଲା ବିଶିଷ୍ଟ ଅଟ୍ଟାଳିକାମାନ ନିର୍ମାଣ କରାଯାଇଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ବ୍ରହ୍ମପୁର ବଡ ମେଡିକାଲର ସାଟେଲାଇଟ୍ ହସ୍‌ପିଟାଲ ଭାବେ ପରିଗଣିତ ସିଟି ହସ୍‌ପିଟାଲକୁ ନିର୍ଦ୍ଧାରିତ ସମୟରେ ଡାକ୍ତରମାନେ ଆସୁ ନ ଥିବାରୁ ଜରୁରିକାଳୀନ ସ୍ଥିତିରେ ସମସ୍ୟା ହେଉଛି ବୋଲି ଅଭିଯୋଗ କରାଯାଇଛି । ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଭାସ୍କର ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ରାଜେନ୍ଦ୍ର ଦଳବେହେରା, ପ୍ରଭାତ ନାହାକ, ବିଜୟ ଚନ୍ଦ୍ର ବିଷୋୟୀ,ଲକ୍ଷ୍ମୀନାରାୟଣ ରାଉତ ଓ ବଂଶୀଧର ଭୂୟାଁ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଏନେଇ ବଡ ମେଡିକାଲ ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡାଙ୍କୁ ପଚରାଯିବାରୁ, ଅଭିଯୋଗ ଆସିଛି । ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

# ଖୁସି ପାଇଁ ଖେଳ ଜରୁରୀ



ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୯।୧୧

ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅପରାହ୍ନରେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ବିଡିଏ ଅଧକ୍ଷ ସୁବାସ ମହାରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ପରିଚାଳକ ବିନିତା ସେନାପତି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ । ଖୁସି ପାଇଁ ଖେଳ ଜରୁରୀ। ଖେଳିବା ଦ୍ୱାରା ମାନସିକ ଏବଂ ଶାରୀରିକ ସୁସ୍ଥତା ମିଳିଥାଏ । ପିଲାଟି ଦିନରୁ ପାଠପଢ଼ା ସହ ସମସ୍ତେ ଖେଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ପରିଚାଳନା କରିଥିବା ବେଳେ ଡ଼ଉଗାଁ ବାସୁଦେବ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ସଂଯୋଜନା କରିଥିଲେ। ଶେଷରେ ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ ଧନ୍ୟବାଦ ଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ ଭାଗ ନେଇଥିବା ଖେଳାଳିଙ୍କ ମଧ୍ୟରେ ଆଥଲେଟିକ୍, ଚେସ୍, କ୍ରିକେଟ୍ ଏବଂ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସଫଳ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ମିଳିବ। ମଙ୍ଗଳବାର ଅପରାହ୍ନରେ ଏହି ଜିଲାସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ ହେବ । କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀଙ୍କ ସମେତ ଅନ୍ୟ କ୍ରୀଡ଼ା ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ପଦ୍ମନାଭପୁରରେ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଶୁଭାରମ୍ଭ

**ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ଶ୍ରୀହରିହରାତ୍ମକ ବିଶ୍ୱଶାନ୍ତି ପଞ୍ଚକୁଣ୍ଡିୟ ପଞ୍ଚ ମହାଯଜ୍ଞ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। କର୍ମାରମ୍ଭ ଗୋପୂଜା, ବ୍ରାହ୍ମଣ ବରଣ, ସାଲା ସଂସ୍କାର ପରେ ଅଗ୍ନିସ୍ଥାପନ ପୂର୍ବକ ଘୃତଯଜ୍ଞ, ନାମଯଜ୍ଞ ଓ ଜ୍ଞାନଯଜ୍ଞର ଶୁଭାରମ୍ଭ ହୋଇଥିଲା। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହାଯଜ୍ଞରେ ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର, ଭଗବାନ ମିଶ୍ର, ନୀଳକଣ୍ଠ ଶତପଥୀ, ରଞ୍ଜନ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ଅଛନ୍ତି। କାର୍ତ୍ତିକ ଶୁକ୍ଳପକ୍ଷ ସୋମବାର ଏକାଦଶୀ ତିଥିରୁ ଶୁଭାରମ୍ଭ ହୋଇଥିବା ମହାଯଜ୍ଞ ନିମନ୍ତେ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଛି। ଶ୍ରୀରାଧା ଦାମୋଦର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମହାଯଜ୍ଞ ପରିପ୍ରେକ୍ଷୀରେ ବିଭିନ୍ନ ସାହି ବସ୍ତି ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠିଛି। ମହାଯଜ୍ଞ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ରବିବାର ୩ ଶହରୁ ଉର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ଗ୍ରାମ ପୋଖରୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଓଡ଼ିଆ ସାହିସ୍ଥିତ ମହାଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପ୍ରବକ୍ତା ପରିବ୍ରାଜକ ପଣ୍ଡିତ ପ୍ରମୋଦ କୁମାରଙ୍କ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଯାଏ ଚାଲିବ। ଶୁକ୍ରବାର ଅପରାହ୍ନରେ ମହାଯଜ୍ଞ ପୂର୍ଣ୍ଣାହୁତି କରାଯିବ ବୋଲି ଜଣାପଡ଼ିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଟିପୁ


@ ରିଷୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଉଠାଦୋକାନୀଙ୍କ ପାଇଁ ହେବ ୫ ଓପନ ଭେଣ୍ଡିଂଜୋନ

ବ୍ରହ୍ମପୁର ଅଫିସ,୧୯।୧୧

### ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ବିଏମ୍‌ସିର ପଦକ୍ଷେପ

ବ୍ରହ୍ମପୁର ସହରରେ ଲାଗି ରହିଥିବା ଟ୍ରାଫିକ ସମସ୍ୟା ସୁଧାରିବାକୁ ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି । ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଟ୍ରାଫିକ ସମସ୍ୟା ସୁଧାରିବାକୁ ନେଇ ବିଭିନ୍ନ ଛକରେ ଇଣ୍ଟିଗ୍ରେଟେଡ ଟ୍ରାଫିକ ସିଷ୍ଟମ ବ୍ୟବସ୍ଥା କରାଯିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏଥିପାଇଁ ବିଏମ୍‌ସି ପକ୍ଷରୁ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଛି । ଏବେ ସହରର ବିଭିନ୍ନ ଛକ ଓ ରାସ୍ତା ପାର୍ଶ୍ୱରେ ବିକ୍ରି କରୁଥିବା ବୁଲା ବିକାଳିଙ୍କ ପାଇଁ ସ୍ୱତନ୍ତ୍ର ୫ ଭେଣ୍ଡିଂଜୋନ ନିର୍ମାଣ କରାଯିବାକୁ ଯୋଜନା ହୋଇଛି । ସହରର ଫାଷ୍ଟଗେଟ, ବିଜୁ ପଟ୍ଟନାୟକ ପାର୍କ, ଗୋଷାଣୀନୂଆଗାଁ ରେଲୱେ ଓଭରବ୍ରିଜ, ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱରେ ବିଏମ୍‌ସି ପକ୍ଷରୁ ମୁକ୍ତ ଭେଣ୍ଡିଂଜୋନ ନିର୍ମାଣ କରାଯିବାକୁ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଅନ୍ୟ ଏକ ଭେଣ୍ଡିଂଜୋନ୍ ନିର୍ମାଣ କରାଯିବାକୁ ଯୋଜନା ଥିବା ସୂଚନା ମିଳିଛି । ୫ ଭେଣ୍ଡିଂଜୋନ୍ ପାଇଁ ୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଟେଣ୍ଡର ପ୍ରକ୍ରିୟା ସରିବାର ୧୦୦ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଯୋଜନା ରହିଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି । ଏହି ଭେଣ୍ଡିଂଜୋନ ଗୁଡ଼ିକରେ ସହରର ଗେଟବଜାର ଛକ, ବିଜିପୁର, କର୍ପୋରେସନ ରୋଡ, ଗିରିମାର୍କେଟ, ସାନବଜାର, ବଡବଜାର, ଗୋଷାଣୀନୂଆଗାଁ, ଇଞ୍ଜିନିୟରିଂ ସ୍କୁଲ ପ୍ରଭୃତି ଛକ ଓ ରାସ୍ତା ପାର୍ଶ୍ୱରେ ଆଖପାଖ ଅଞ୍ଚଳରୁ ଆସି ବ୍ୟବସାୟ କରୁଥିବା ଉଠାଦୋକାନୀମାନେ ବ୍ୟବସାୟ କରିବେ ବୋଲି କମିଶନର ସୂଚାଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବାଣିଜ୍ୟିକ କେନ୍ଦ୍ରସ୍ଥଳ ହୋଇଥିବାରୁ ପ୍ରତ୍ୟେହ ଶହ ଶହ ଆନ୍ଧ୍ର ଓ ସହରର ଆଖପାଖ ଅଞ୍ଚଳରୁ ବହୁ ଉଠା ବ୍ୟବସାୟୀ ଜିନିଷ ବିକ୍ରି ପାଇଁ ଆସୁଛନ୍ତି । ସେମାନେ ଗେଟବଜାର, ଗିରିମାର୍କେଟ, ବଡବଜାର, ସାନବଜାର, ଗୋଷାଣୀନୂଆଗାଁ, ବିଜୁପୁର, ଇଞ୍ଜିନିୟରିଂ ସ୍କୁଲ ଛକ, କମାପଲ୍ଲୀରେ ରାସ୍ତାପାର୍ଶ୍ୱରେ ବିଭିନ୍ନ ଜିନିଷ ବିକ୍ରି କରୁଛନ୍ତି। ଫଳରେ ଉକ୍ତ ଛକସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ଏଡାଇବା ପାଇଁ ବହୁବାର ଉଠାଦୋକାନୀଙ୍କୁ ବିଭିନ୍ନ ଛକରୁ ହଟାଇବା ଉଦ୍ୟମ କରାଯାଇଛି। କିନ୍ତୁ ସେମାନଙ୍କ ଥଇଥାନ ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀମାନେ ସେହିସ୍ଥାନରୁ ହଟିବାକୁ ପ୍ରସ୍ତୁତ ହେଉ ନ ଥିଲେ । ଅନ୍ୟପକ୍ଷରେ ଏହି ଭେଣ୍ଡିଂଜୋନରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ପରେ ସହରର ଟ୍ରାଫିକ ସମସ୍ୟା ହ୍ରାସ ପାଇବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

## କାଟୁ କରୁନି ବନ୍ୟଜନ୍ତୁ ସଂରକ୍ଷଣ ଆଇନ

# ନିଷେଧାଦେଶ ସତ୍ତ୍ୱେ ବିକ୍ରିହେଉଛି ବାଉଲ୍ ଫିଶ ଆକ୍ୱାରିୟମ୍

ସମୀରକାନ୍ତ ତ୍ରିପାଠୀ
ବ୍ରହ୍ମପୁର ଅଫିସ୍,୧୯।୧୧

କୃରତା ନିବାରଣ (ପ୍ରିଭେନସନ୍ ଅଫ୍ କ୍ରୁଏଲିଟି) ନିୟମ ୨୦୧୭ ପ୍ରକାରେ ବାଉଲ ଫିଶ ଆକ୍ୱାରିୟମ୍ ବଜାରରେ ବିକ୍ରି ନିଷେଧାଦେଶ ରହିଛି। ହେଲେ ବ୍ରହ୍ମପୁର ସହରରେ ଏହାକୁ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ କାଟୁ କରୁ ନ ଥିବା ଜଣାପଡିଛି। ସେଭଳି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ଉପରେ ଅଙ୍କୁଶ ଲଗାଯାଇ ପାରୁ ନ ଥିବା ଅଭିଯୋଗ ହୋଇଛି । ପ୍ରକାଶଯେ, ପେଟା (ପିପୁଲ ଫର୍ ଦି ଇଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲସ୍) ପକ୍ଷରୁ ବଜାରରେ ବିକ୍ରି ରଙ୍ଗବେରଙ୍ଗ କୃତ୍ରିମ ମାଛଙ୍କ ରକ୍ଷଣା ବେକ୍ଷଣ ଏବଂ ସେମାନଙ୍କ ଜୀବନ ନେଇ ଏଡବ୍ଲୁବିଆଇ (ଆନିମଲସ ୱେଲଫେୟାର୍ ବୋର୍ଡ ଅଫ୍ ଇଣ୍ଡିଆ) ରେ ଏକ ପିଟିସନ୍ ଦାଖଲ ହେବା ପରେ ବନ୍ୟ ଜନ୍ତୁ ସଂରକ୍ଷଣ ଆଇନରେ ସାମାନ୍ୟତମ ସଂଶୋଧନ ଅଣାଯାଇ ବାଉଲ୍ ଫିସ୍ ଆକ୍ୱାରିୟମ୍ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରାଯିବା ସହିତ ଆକ୍ୱାରିୟମ୍ ବିକ୍ରି ଉପରେ କଟାକଣା କରାଯାଇଥିଲା । ସୂଚନାଯୋଗ୍ୟ, ନିୟମ ପ୍ରକାରେ ଆକ୍ୱାରିୟମ୍ ବିକ୍ରି କରିବାକୁ ଯାଉଥିବା ମାଲିକ ଜଣକ ପ୍ରଥମେ ନିଜ ଦୋକାନର ସ୍ଥାନ ଏବଂ ତାହାର ଏକ ମାଷ୍ଟର ପ୍ଲାନ୍ ବ୍ଲୁପ୍ରିଣ୍ଟ ରାଜ୍ୟ ବନ୍ୟଜନ୍ତୁ ମଙ୍ଗଳ ବୋର୍ଡରେ ଦାଖଲ କରିବେ । ସେଠାରୁ ପ୍ରାଣୀଧନ ଚିକିତ୍ସକଙ୍କୁ ଏକ ରିପୋର୍ଟ ଆସିବା ପରେ ସେମାନେ ଯାଞ୍ଚ କରି ରିପୋର୍ଟ ଦେବା ପରେ ଦୋକାନ ଖୋଲିପାରିବେ । ତେବେ ନିୟମ ରହିଛି ଯେ, ସେମାନେ ୬୦ ଲିଟରରୁ ଅଧିକ ପାଣି ରଖି ସେଥିରେ ମାଛ ରଖିପାରିବେ ନାହିଁ। ପ୍ରତ୍ୟେକ ସପ୍ତାହରେ ପୁରୁଣା ପାଣି ନିଷ୍କାସନ କରି ନୂଆ ପାଣି ଗଚ୍ଛିତ ରଖିବେ । ଅମ୍ଳଜାନ ଯୁକ୍ତ ପାଣି ରଖି ସେଥିରେ ଉପଯୁକ୍ତ ମତ୍ସ୍ୟ ଖାଦ୍ୟ ଯୋଗାଇବେ । ଏଭଳି ଅନେକ ନିୟମ ରହିଥିବା ବେଳେ ଏସବୁକୁ ଏଡବ୍ଲୁବିଆଇ ପକ୍ଷରୁ କିଛି ଦିନର ଅନ୍ତରରେ ଯାଞ୍ଚ କରିବା କଥା ହେଲେ ଏସବୁ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ମାଛଗୁଡିକ ମରି ଯାଉଥିବା ଦେଖିବାକୁ ମିଳୁଛି । ସେହିପରି ସର୍ବସାଧାରଣରେ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟ, ସ୍କୁଲ-କଲେଜ, ଏୟାରପୋର୍ଟ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ଆଦି ନିକଟବର୍ତ୍ତୀ ଅଞ୍ଚଳରେ ଆକ୍ୱାରିୟମ୍ ବିକ୍ରି ଉପରେ କଟକଣା ରହିଛି । ହେଲେ ବ୍ରହ୍ମପୁର ସହରରେ ଖୋଲାଖୋଲି ଭାବେ ବଜାର ଉପରେ ରଙ୍ଗବେରଙ୍ଗ କୃତ୍ରିମ ମାଛ ବାଉଲ ଜରିଆରେ ବିକ୍ରି କରାଯାଉଥିବା ବେଳେ କ୍ରୁରତା ନିବାରଣ (ପ୍ରିଭେନସନ୍ ଅଫ କ୍ରୁଏଲିଟି) ନିୟମ ୨୦୧୭କୁ ଏହା ଉଲ୍ଲଂଘନ କରୁଛି ବୋଲି ପ୍ରକୃତିପ୍ରେମୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ମାଛ ମୃତ୍ୟୁକୁ ବନ୍ଦ କରାଯାଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।


ଖଲ୍ଲିକୋଟ କଲେଜ ସମ୍ମୁଖ ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଛି ବାଉଲ୍ ଫିସ୍ ଆକ୍ୱାରିମ୍।

### ସେମାନେ ଯାହା କୁହନ୍ତି

"ରଙ୍ଗବେରଙ୍ଗ କୃତ୍ରିମ ମାଛ ବିଶେଷ କରି ଗୋଲ୍ଡ ଫିଶ, ରେଡ୍ ଫିଶ ଆଦି ମାଛ ଗୁଡିକୁ ବିକ୍ରି କରିବା କଟକଣା ରହିଥିବା ବେଳେ ଏହାକୁ କେହି ମାନୁନାହାନ୍ତି। ଆକ୍ୱାରିୟମ୍‌ରେ ମାଛ ରଖି ଡିସ୍‌ପ୍ଲେ କରି ବିକ୍ରି କରିବା ଉପରେ କଟକଣା ରହିଥିବା ବେଳେ ଦୋକାନୀମାନେ ପଞ୍ଜୀକୃତ କରିବା ବାଧ୍ୟତା ମୂଳକ ରହିଛି। ହେଲେ ସେସବୁକୁ କେହି ମାନୁନଥିବା ଜଣାପଡିଛି । ମାଛଗୁଡିକୁ ଦୋକାନୀମାନେ ପଲିଥିନ୍‌ରେ ବାନ୍ଧି ରଖୁଛନ୍ତି, ସେଥିରେ ଆବଶ୍ୟକ ଅମ୍ଳଜାନ ଓ ମିନେରାଲ୍ ଯୁକ୍ତ ପାଣି ନ ଥିବା ବେଳେ ଖୋଲା ପାଣି ବ୍ୟବହାର କରୁଛନ୍ତି । ଯଦ୍ୱାରା ମାଛଙ୍କ ଆୟୁଷ ବହୁତ କ୍ଷଣିକ ସମୟ ପାଇଁ ଥାଉଛି ।

-ଶୁଭମ୍ କୁମାର ସାହୁ, ପିଏଫଏ ୱାର୍କର୍

"ଦୋକାନୀମାନେ ବ୍ୟବସାୟିକ ଭିତ୍ତିରେ ରଙ୍ଗବେରଙ୍ଗ ମାଛ ବିକ୍ରି କରୁଛନ୍ତି । ମାଛଙ୍କ ପୋଷଣ, ଶ୍ୱାସ ପ୍ରକ୍ରିୟା ପ୍ରତି ଦୋକାନୀମାନେ ସମ୍ପୂର୍ଣ୍ଣ ଅଭିଜ୍ଞ ହୋଇ ନ ଥିବାରୁ ବିଭିନ୍ନ ସମୟରେ ମାଛଗୁଡିକ ମରିଯାଉଛନ୍ତି । ମାଛଙ୍କୁ ଉଦ୍ଦିଷ୍ଟ ଖାଦ୍ୟ ଯୋଗାଇ ସେମାନଙ୍କ ରକ୍ଷଣା ବେକ୍ଷଣ ହୋଇପାରୁ ନ ଥିବାରୁ ସେଗୁଡିକ ମତ୍ୟୁ ବରଣ କରୁଛନ୍ତି । ଏନେଇ ଜିଲା ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବନବିଭାଗ ଦ୍ୱାରା ନିୟମିତ ଯାଞ୍ଚ କରିବା କଥା ହେଲେ ସେସବୁ ହେଉନଥିବାରୁ ନିୟମ ବାଟବଣା ହୋଇଯାଉଛି ।

-ବିଜୟ ହୋତା,ଅବସରପ୍ରାପ୍ତ ଏସିଏଫ୍

"ମହାନଗର ନିଗମ ପକ୍ଷରୁ ବେଆଇନ ଭାବେ ରଙ୍ଗବେରଙ୍ଗ ଏବଂ କୃତ୍ରିମ ମାଛ ବିକ୍ରି କରୁଥିବା ଦିଗରେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ହେଲେ ଚଢାଉ ପରେ ମାଛଗୁଡିକର ରକ୍ଷଣା ବେକ୍ଷଣ କରିବା କାଠିକର ପାଠ । ସେହିପରି ଚଢାଉ ପରେ ସେଗୁଡିକୁ ଗଚ୍ଛିତ ରଖିବା ମଧ୍ୟ ଏକ ସମସ୍ୟା ଅଟେ ।

-ଚକ୍ରବର୍ତ୍ତୀ ସିଂ ରାଠୋର୍, କମିଶନର୍, ବ୍ରହ୍ମପୁର ମହାନଗର ନିଗମ

"ସର୍ବସାଧାରଣରେ ବାଉଲ୍ ଫିସ୍ ଆକ୍ୱାରିୟମ୍ ବିକ୍ରି କରିବା ଏକ ଅପରାଧ ଅଟେ । ଏନେଇ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ନିୟମ ଖିଲାପକାରୀ ଆକ୍ୱାରିୟମ୍ ବିକ୍ରି କରୁଥିବା ଦୋକାନୀ ମାଲିକମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

-ଆଶିଷ କୁମାର ବେହେରା, ଡିଏଫଓ, ବ୍ରହ୍ମପୁର

## ସଂକ୍ଷେପରେ

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ



**ଛତ୍ରପୁର,୧୯।୧୧(ଡି.ଏନ.ଏ.):** ଛତ୍ରପୁରସ୍ଥିତ ଗୌରୀ ଶଙ୍କର ଶୈବ ପୀଠରେ ଗାୟତ୍ରୀ ପରିବାର ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ, ଦୀପ ଯଜ୍ଞ, ପ୍ରବଚନ ଓ ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଗାୟତ୍ରୀ ପରିବାର ସଦସ୍ୟମାନେ ଏହି ୨ ଦିନିଆ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଗାୟତ୍ରୀ ପରିବାର ଛତ୍ରପୁର ଶାଖାର ସଂଯୋଜକ ଅରୁଣ କୁମାର ଶତପଥୀ, ପ୍ରଦୀପ ଆଚାର୍ଯ୍ୟ, ଚିନ୍ମୟ ଦାଶ, ଚନ୍ଦ୍ର ଶେଖର ପଟ୍ଟନାୟକ, ପ୍ରସାଦ ପଟ୍ଟନାୟକ, ଚନ୍ଦ୍ର ଶେଖର ରାଓ, ଶ୍ରୀହରି ବେହେରା, ମାୟାବତୀ ବେହେରା, ସୁନିତା ଶତପଥୀ, ରାମଚନ୍ଦ୍ର ପଡିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗଞ୍ଜାମ ଜିଲା ଗାୟତ୍ରୀ ପରିବାରର ସଭାପତି ବୃନ୍ଦାବନ ମିଶ୍ର, ଓଡିଆ ଅଖଣ୍ଡ ଜ୍ୟୋତି ସଂଯୋଜକ ପାଣ୍ଡବ ଜେନା, ସୁଶାନ୍ତ ସାମଲ, ସନ୍ତୋଷ ଜେନା, ଉପେନ୍ଦ୍ର ମୁନି, ଶିବୁ ପ୍ରମୁଖ ଗାୟତ୍ରୀ କାର୍ଯ୍ୟକର୍ତ୍ତା ପ୍ରବଚନ, ଭଜନ ଓ ମନ୍ତ୍ରାବୃତି କରିଥିଲେ । ଏଥିରେ ବହୁ ଭକ୍ତ ଯୋଗ ଦେଇଥିଲେ ।

### ବାହ୍ୟମଳମୁକ୍ତ ପାଇଁ ଲାଗିଲା ତୁଳସୀ ଚାରା

**ପୁରୁଷୋତ୍ତମପୁର,୧୯।୧୧(ଡି.ଏନ୍.ଏ.):** ଗଞ୍ଜାମ ଜିଲାକୁ ସମ୍ପୂର୍ଣ୍ଣ ବାହ୍ୟମୁକ୍ତ କରିବା ଲାଗି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନୂଆ ପଦକ୍ଷେପ ନେଇଛନ୍ତି। ପୁରୁଷୋତ୍ତମପୁର ବ୍ଲକ ରାଇପୁରରେ ରବିବାର ସକାଳେ ଜିଲାପାଳ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ମଳତ୍ୟାଗ କରାଯାଉଥିବା ସ୍ଥାନରେ ତୁଳସୀ ଚାରା ରୋପଣ କରିଛନ୍ତି। ସେଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଲିପାପୋଛା କରାଯିବାସହ ଝୋଟି ପକାଇ ତୁଳସୀ ଚାରା ଲଗାଯାଇଥିଲା। ଚଳିତବର୍ଷ ଶେଷ ସୁଦ୍ଧା ଜିଲାକୁ ସମ୍ପୂର୍ଣ୍ଣ ବାହ୍ୟମଳ ମୁକ୍ତ ଘୋଷଣା କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି। ଲୋକମାନେ ତୁଳସି ଓ ବେଲ ଗଛକୁ ଭଗବାନ ଭାବି ମାନୁଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଅତିରିକ୍ତ ଜିଲାପ୍ରକଳ୍ପ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଭାରାପ୍ରାପ୍ତ ବିଡିଓ ମଧୁସୂଦନ ମହାରଣା, ତହସିଲଦାର ଅରୁଣ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ଶତପଥୀ, ସିଡିପିଓ ସବିତା ଚ୍ୟାଉପଟ୍ଟନାୟକ, ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସମେତ ଅଙ୍ଗନୱାଡି କର୍ମୀ ସହ ସହାୟିକା ଗୋଷ୍ଠିର ମହିଳାମାନେ ଯୋଗ ଦେଇଥିଲେ।

### କାର୍ତ୍ତିକେଶ୍ୱର ପୂଜା



**ହିଞ୍ଜିଳିକାଟୁ,୧୯।୧୧(ଡି.ଏନ୍.ଏ.):** କାର୍ତ୍ତିକେଶ୍ୱରଙ୍କ ପୂଜା କେଉଟ ସାହି ପୂଜା କମିଟି ପକ୍ଷରୁ ପାଳିତ ହୋଇଛି। ଶୁକ୍ରବାର ଠାରୁ କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା ସହ ଯଜ୍ଞ ଆଦି ହେଉଛି। ୭ଦିନ ବ୍ୟାପୀ ଏହି ପୂଜା ଅନୁଷ୍ଠିତ ହୋଇ ଗୁରୁବାର ପୂର୍ଣ୍ଣାହୁତି ହେବ। ପୂଜା କମିଟି ପକ୍ଷରୁ ଆସନ୍ତା ଶୁକ୍ରବାର ଭସାଣୀ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ଗୋପବନ୍ଧୁ ବେହେରା କହିଛନ୍ତି। ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି।

### ମେଧା ବୃତ୍ତି ପରୀକ୍ଷା

**ଭଞ୍ଜନଗର,୧୯।୧୧(ଡି.ଏନ.ଏ):** ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି । ପାରୀକ୍ଷା ପରିଚାଳନାରେ ଓଷ୍ଟାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ମଇଳା ପାଣି ଉପଚାର ପ୍ଲାଣ୍ଟ ନିର୍ମାଣ ଲାଗି ପରାମର୍ଶ

**ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ମାଲିକମାନେ ଯତ୍ନବାନ ହେବାକୁ ଆହ୍ୱାନ**

**ଦାରିଙ୍ଗବାଡ଼ି,୧୯।୧୧(ଡି.ଏନ.ଏ)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ହୋଟେଲ, ଲଜ୍‌ଗୁଡ଼ିକରେ ଏସ୍‌ଟିପି (ସେୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ବା ମଇଳା ପାଣି ଉପଚାର ଲାଗି ଏକ ପ୍ଲାଣ୍ଟ ନିର୍ମାଣ କରାଯିବାକୁ ରବିବାର ଏକ ବୈଠକରେ ଜିଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ଏନ୍.କେ. ସିଂ ପରାମର୍ଶ ଦେଇଛନ୍ତି । ଯେଉଁସବୁ ହୋଟେଲରେ ଭିତ୍ତିଭୂମି ନାହିଁ ସେମାନେ ତାଙ୍କ ଛାତ ଉପରେ ଏହି ପ୍ଲାଣ୍ଟ ବସାଇପାରିବେ ବୋଲି ସେ କହିବା ସହ ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବାକୁ କହିଛନ୍ତି। ଏଯାବତ୍ ଦାରିଙ୍ଗବାଡ଼ି ଅଞ୍ଚଳରେ ହୋଟେଲ ଖୋଲାଯାଇ ଥିଲେ ସୁଦ୍ଧା ଏହି ପ୍ଲାଣ୍ଟ ପାଇଁ ସମସ୍ତ ହୋଟେଲରେ ଯୋଜନା ଓ ଆବେଦନ କରାଯାଇଥିଲେ ତାହା ହୋଇପାରି ନ ଥିବା ସେ କହିଛନ୍ତି। ସେ ଦାରିଙ୍ଗବାଡ଼ିର ସମସ୍ତ ଲଜ୍ ମାଲିକଙ୍କୁ ନେଇ ଏକ ବୈଠକ କରିବା ସହ ଏହି ପ୍ଲାଣ୍ଟ ନିର୍ମାଣ ଶୀଘ୍ର କରିବାକୁ ପରାମର୍ଶ ଦେଇଥିଲେ । ନ ହେଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏଥିସହ ଦାରିଙ୍ଗବାଡ଼ିକୁ ଦୈନିକ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ରହିବା ସୁବିଧାକୁ ସୁଚାରୁରୂପେ ପାଳନ କରିବାକୁ କହିବା ସହ ପର୍ଯ୍ୟଟନକେନ୍ଦ୍ରଗୁଡ଼ିକର ବିକାଶ ପାଇଁ ସମସ୍ତ ହୋଟେଲ ମାଲିକ ଜିଲାପାଳଙ୍କ ନିକଟରେ ନିବେଦନ କରିବାକୁ କହିଛନ୍ତି । ଦାରିଙ୍ଗବାଡ଼ିରେ ଦୈନିକ ଭିଡ଼ ରହୁଛି । ଭିତ୍ତିଭୂମିର ବିକାଶ ହେଲେ ଆହୁରି ପର୍ଯ୍ୟଟକ ଆସିବେ। ଫଳରେ ହୋଟେଲ ବ୍ୟବସାୟରେ ବିକାଶ ହେବା ସହ ପର୍ଯ୍ୟଟନ କେନ୍ଦ୍ରଗୁଡିକର ବିକାଶ ହୋଇପାରିବ ବୋଲି କହିଥିଲେ। ସେହିପରି ଲଜ୍ ଗୁଡ଼ିକ ଅଗ୍ନିଶମ ବିଭାଗ ନିକଟରେ ମଧ୍ୟ ଆବେଦନ କରି ଅଗ୍ନି ନିରାପତ୍ତା ଯନ୍ତ୍ର ସବୁ ଲଜ୍‌ରେ ବସାଇବାକୁ ସିଂ କହିଥିଲେ। ଲଜ୍ ମାଲିକମାନେ ତାଙ୍କର ଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାରିଙ୍ଗବାଡ଼ି ଆଇପିଓ ରାମ ଚନ୍ଦ୍ର ମାଝି, ସୁପରଭାଇଜର ମାଧବ ଚନ୍ଦ୍ର ତରାଇ, ଜିତେନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ, ଲଡୁ କିଶୋର ସାହୁ, ଭଗବାନ ସାହୁ ଓ ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅଧିକାରୀ ।

## ଦିନକର କାହାଣୀ

# ଫୁଲ ଆଣିଦେଇଛି ଫୁଲଙ୍କୁ ନୂଆ ପରିଚୟ



ଫୁଲଙ୍କ ସଙ୍କଟ ମୋଚନ ନର୍ସରୀ ।

**ଭଞ୍ଜନଗର,୧୯।୧୧(ଡି.ଏନ.ଏ.)**

ଭଞ୍ଜନଗର ନିକଟସ୍ଥ ଦଦରାଲୁଣ୍ଠାର ଫୁଲ ସେଠୀ ଆତ୍ମନିର୍ଭରଶୀଳ ହେବା ପାଇଁ ବିଗତ ୯ମାସ ହେବ ଘର ସମ୍ମୁଖରେ ନର୍ସରୀଟିଏ କରିଛନ୍ତି। ନର୍ସରୀରେ ବିଭିନ୍ନ ପ୍ରକାର ଫୁଲ ଗଛ ବିକ୍ରି କରୁଛନ୍ତି। ନର୍ସରୀ କରିବା ନେଇ ପୂର୍ବରୁ ତାଙ୍କର ବିଶେଷ ଜ୍ଞାନ ନଥିଲା । ପଡ଼ୋଶୀଙ୍କ ପ୍ରେରଣା ଏବଂ ଉତ୍ସାହ ଯୋଗୁ ନର୍ସରୀ କରିବା ପାଇଁ ଫୁଲ ମନ ବଳାଇଥିଲେ । ଏହାର ନାମ ରଖିଥିଲେ ସଙ୍କଟ ମୋଚନ। ଭଞ୍ଜନଗର ଫୁଲବାଣୀ ରାସ୍ତା କଡ଼ରେ ନର୍ସରୀଟି ହୋଇଥିବା ଯୋଗୁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନର୍ସରୀରେ କିଛି ସମୟ ବୁଲିବା ସହ ଚାରା କିଣି ନେଇଥାନ୍ତି। ଫୁଲଙ୍କ ୨ ଝିଅ ସଞ୍ଜୁ ଓ ମଞ୍ଜୁ ବିବାହିତ। ସମୟ ମିଳିଲେ ମାଙ୍କୁ ଏକ୍ଷେତ୍ରରେ ଦୁଇ ଝିଅ ସହଯୋଗ କରୁଛନ୍ତି। ପୁଅ କାହ୍ନାଚରଣ ମା'ଙ୍କ ସହ ମିଶି ବ୍ୟବସାୟ କଥା ବୁଝୁଛନ୍ତି। ସ୍ୱାମୀ ଗୋବର୍ଦ୍ଧନ ସେଠୀ ସୂରସଞ୍ଚାର ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟରତ । ଏନେଇ ଫୁଲ କହନ୍ତି ସ୍ୱାମୀଙ୍କ ରୋଜଗାରରୁ ପରିବାର ଚଳାଇବା କଷ୍ଟକର ହେଉଥିଲା । ଘରର ରୋଜଗାର ବଢ଼ାଇବା ସହ ଆତ୍ମନିର୍ଭରଶୀଳ ପାଇଁ ନର୍ସରୀ ଯୋଜନା କରିଥିଲୁ। ଏଥିରେ ଆମକୁ ପଡ଼ୋଶୀ ଫୁଲ କୁଣ୍ଡ ବ୍ୟବସାୟ କରୁଥିବା ପଦ୍ମନାଭ ପ୍ରଧାନ ସାର୍ ସହଯୋଗ କରିଥିଲେ । ଆଗକୁ ବ୍ୟବସାୟ ବଢ଼ାଇବା ଯୋଜନା ରଖିଛି। ଘର କାମ ସରିବା ପରେ ବଳକା ସମୟରେ ନର୍ସରୀର ତଦାରଖ କରୁଛି। ସକାଳୁ ଉଠିବା ପରେ ଘର କାମ ପ୍ରଥମେ କରୁଛି। ଏହାପରେ ନର୍ସରୀ କଥା ବୁଝୁଛି। ଫୁଲ ଗଛ ବ୍ୟବସାୟ ଏବେ ଫୁଲଙ୍କୁ ନୂଆ ପରିଚୟ ଆଣି ଦେଇଛି।

# ବେଟୀ ବଚାଓ, ବେଟୀ ପଢ଼ାଓ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ପାତ୍ରପୁର,୧୯।୧୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତରେ ଭାରତ ସରକାରଙ୍କ ପ୍ରଚାର ପ୍ରସାର ମନ୍ତ୍ରଣାଳୟ କ୍ଷେତ୍ରପ୍ରଚାର ବିଭାଗ ବ୍ରହ୍ମପୁର ଶାଖା ତରଫରୁ ବେଟୀ ବଚାଓ ବେଟୀ ପଢ଼ାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାତ୍ରପୁର ସିଡ଼ିପିଓ ପଦ୍ମିନୀ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ସମିତି ସଭ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାର କୋ-ଅର୍ଡିନେଟର ହିମାଂଶୁ ଶେଖର ପ୍ରଧାନ, ଜରଡ଼ା ବ୍ୟାଙ୍କ ଅଫ ଇଣ୍ଡିଆର ଅଧିକାରୀ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବେଟି ବଚାଓ ବେଟି ପଢାଓ, ସୁକନ୍ୟା ସମୃଦ୍ଧି ଯୋଜନା, ଅଟଳ ପେନସନ ଯୋଜନା, ଦକ୍ଷତା ବିକାଶ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିସହ ଭ୍ରୂଣ ହତ୍ୟା ଭଳି ଜଘନ୍ୟ ଅପରାଧ ଠାରୁ ସମସ୍ତେ ଦୂରେଇ ରହିବାକୁ ସିଡ଼ିପିଓ କହିଥିଲେ। ଏହି ଅବସରରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲ । କାର୍ଯ୍ୟକ୍ରମରେ ଜରଡ଼ା ସେକ୍ଟର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ବହୁ ଗ୍ରାମବାସୀ ଯୋଗଦେଇଥିଲେ। କ୍ଷେତ୍ରପ୍ରଚାର ବିଭାଗର ଭି.ଏସ ଫନିକୁମାର, ପ୍ରମୋଦ ସାବତ, ଗଙ୍ଗାଧର ନାୟକ, ସ୍ୱେଚ୍ଛାସେବୀ ଗଗନ ପ୍ରଧାନ, ସୁଶାନ୍ତ ପ୍ରଧାନଙ୍କ ସମେତ ପଞ୍ଚାୟତର ଯୁବକମାନେ ସହଯୋଗ କରିଥିଲେ ।

## ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଛତ୍ରପୁର,୧୯।୧୧(ଡି.ଏନ.ଏ)**

ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲରେ ରବିବାର ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା । ଏଥିରେ ୬୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଅତିଥି ଭାବେ ଇଂ ଦ୍ୱାରିକା ପ୍ରସାଦ ପଟ୍ଟନାୟକ, ଛତ୍ରପୁର କଲେଜର ଅଧ୍ୟାପିକା ନିପ୍ତା ମିଶ୍ର ଯୋଗ ଦେଇଥିଲେ । ସ୍କୁଲ ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପ୍ରିନ୍ସପାଲ ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ, ଉପାଧ୍ୟକ୍ଷା ମମତା ପଣ୍ଡା, ବିଜ୍ଞାନ ଶିକ୍ଷକ ରଶ୍ମିତା ବେହେରା, ଅମିତା ଦଳାଇ, ସ୍ନିଗଧା ପଟ୍ଟନାୟକ, ପୂର୍ଣ୍ଣପ୍ରିୟା ନାୟକ, ସଂଯୁକ୍ତା ଦାସ, ହରିଶ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ସବ ଜୁନିୟରରେ ଆକାଂକ୍ଷା ପ୍ରିୟଦର୍ଶନୀ, ଜୁନିୟରରେ ଅଙ୍କିତା ସାହୁ, ସବ ସିନିୟରରେ ଜି. ସୁପ୍ରଜା ଓ ସିନିୟରରେ ଲିକିତା ସେଠୀ ପ୍ରଥମ ହୋଇଥିଲେ। ସନ୍ତୋଷ ବିଷୋୟୀ, ସୁରୁ ମୋହନ, ଡି. ଅନିଲ କୁମାର, ଜୀବନ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଖଣ୍ଡଳମଣିଙ୍କ ମେଳା

**ଆସିକା,୧୯।୧୧(ଡି.ଏନ.ଏ.):** ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଥିବା ଆଖଣ୍ଡଳମଣିଙ୍କ ପୀଠରେ ସୋମବାର ୩୪ତମ ମେଳା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରୁ ପୀଠରେ ପୂଜା, ହୋମ, ଆରତୀ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ଆସିକାର ବିଭିନ୍ନ ଅଦାଲତର ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ, ଆଇନଜୀବୀ ଓ ଶ୍ରଦ୍ଧାଳୁ ସାମିଲ ଥିଲେ ।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

**ବାଲିଗୁଡ଼ା,୧୯।୧୧(ଡି.ଏନ୍.ଏ.)**

ବାଲିଗୁଡ଼ା ଟାଉନର ନୂଆସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ଼ ଧରି ଶୌଚାଳୟ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ୍ ଦେଇ ନୂଆସାହି ବାସିନ୍ଦାମାନଙ୍କୁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ପଟ୍ଟନାୟକ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ଉକ୍ତ ସଭାରେ ସ୍ଥାନୀୟ ଏନ୍‌ଏସି ଅଧ୍ୟକ୍ଷା ମମତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୌଚାଳୟ ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ରଜନୀକାନ୍ତ ଦାସ, ପବିତ୍ର ମୋହନ ପାଢ଼ୀ, ସୁଦାମ ସାହୁ, ଶିଶିରକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସଚେତନତା ଶୋଭାଯାତ୍ରା ।

## ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

**ଭଞ୍ଜନଗର,୧୯।୧୧(ଡି.ଏନ.ଏ.):** ଭଞ୍ଜନଗର ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ସଣ୍ଡେ ସ୍କୁଲର ୭୯ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ପାଳକ ଅମିତ୍ ରାଜ୍ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ରଞ୍ଜିତା ରାଣୀ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ପତାକା ଉତ୍ତୋଳନ ସହ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାର୍ଷିକ ବିବରଣୀ ପାଠ ପରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା ।

# ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଦିଗପହଣ୍ଡି,୧୯।୧୧(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ବିଜୁପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ଅଧ୍ୟକ୍ଷତା କରିଥିଲେ । ଖେମୁଣ୍ଡି କଲେଜ ଉପାଧ୍ୟକ୍ଷା ତଥା ନୋଡାଲ ସଂଯୋଜିକା ଡ.ହରପ୍ରିୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଆତ୍ମରକ୍ଷା କଳାକୌଶଳ ହାସଲ କରିପାରିଲେ ସେମାନଙ୍କ ଉପରେ ବଢୁଥିବା ନିର୍ଯ୍ୟାତନା ଆକ୍ରମଣ ଆଶଙ୍କାଙ୍କୁ ଲଗାମ ଦିଆଯାଇପାରିବ ବୋଲି ମୁଖ୍ୟଅତିଥି ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଅଧ୍ୟାପିକା ସସ୍ମିତା କୁମାରୀ ପଟ୍ଟନାୟକ, ସୁଜାତା ପାତ୍ର, ସୌଦାମିନୀ ପଟ୍ଟନାୟକ ଓ ସଞ୍ଜୁ ଗୌଡ଼ଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀଉପସ୍ଥିତ ଥିଲେ ।

## ନିଗମାନନ୍ଦ ଯୋଗାଶ୍ରମର ବାର୍ଷିକୋତ୍ସବ

**ଆସିକା,୧୯।୧୧(ଡି.ଏନ୍.ଏ)**

ଆସିକା ବ୍ଲକ କର୍ଣ୍ଣୋଲିସ୍ଥିତ ନିଗମାନନ୍ଦ ଯୋଗାଶ୍ରମ ପରିସରରେ ରବିବାର ଯୋଗାଶ୍ରମର ୩୯ତମ ବାର୍ଷିକ ଉତ୍ସବ ଓ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳରୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ସାଧାରଣ ଧର୍ମସଭା ଓ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ୪ଶହରୁ ଉର୍ଦ୍ଧ୍ୱ ଦରିଦ୍ର ନାରାୟଣଙ୍କୁ ଅନ୍ନ ବସ୍ତ୍ର ପ୍ରଦାନ ପୂର୍ବକ ଆପ୍ୟାୟିତ କରାଯାଇଥିଲା । ସ୍ୱାମୀ ନିଗମାନନ୍ଦଙ୍କ ଉଦ୍ଦେଶ୍ୟ ମୁତାବକ ସନାତନ ଧର୍ମର ପ୍ରଚାର, ସତଶିକ୍ଷାର ବିସ୍ତାର ଓ ଦରିଦ୍ର ନାରାୟଣଙ୍କ ସେବା ଦିଗରେ ଜନସାଧାରଣ ନିଜକୁ ଉତ୍ସର୍ଗ କରି ଜୀବନକୁ ସାର୍ଥକ କରିବା ଲାଗି ବକ୍ତାମାନେ ପରାମର୍ଶ ଦେଇଥିଲେ। ଆଶ୍ରମର ସଭାପତି ବିଶ୍ୱନାଥ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧୁ ବାସୁଦେବ ଚୈତନ୍ୟ, ସଦାନନ୍ଦ ମହାରାଜ, ପ୍ରଶାନ୍ତ କୁମାର ରଥ, ଯୋଗାଶ୍ରମ ବିଦ୍ୟାଳୟର ସଭାପତି ପ୍ରଫେସରପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଆଧାତ୍ମିକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲା ବେଳେ ବିଜୟ କୁମାର ଗୌଡ, ପ୍ରମୋଦ ସ୍ୱାଇଁ, ଜିତେନ୍ଦ୍ର ବିଷୋୟୀ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସାମିଲ ଥିଲେ ।



ବାର୍ଷିକୋତ୍ସବରେ କମ୍ବଳ ବଣ୍ଟନ କରାଯାଉଛି ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

**ଚିକିଟି,୧୯।୧୧(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ପ୍ରଶାସନ ପକ୍ଷରୁ ରବିବାର ମଧ୍ୟାହ୍ନରେ ଚିକିଟିଗଡରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ଏବଂ ଉପଢ଼ୌକନ ଦିଆଯାଇଥିଲା। ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଯୋଜନା ଓ ସଂଯୋଜନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଓ ବ୍ରହ୍ମପୁର ରେଞ୍ଜ ଡିଆଇଜି ଆଶିଷ ସିଂ ମିଳିତ ଭାବେ କହିଛନ୍ତି ଯେ ସମାଜରେ ଶୃଙ୍ଖଳା ଓ ଭାତୃତ୍ୱ ଭାବ ବଜାଇ ରଖିବା ଦିଗରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବରିଷ୍ଠ ନାଗରିକଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । କେ.ନୂଆଗାଁ ଥାନା ଚିକିଟିଗଡରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ମନ୍ତ୍ରୀଙ୍କ ନିଜସ୍ୱ ପାଣ୍ଠିରୁ ୧୦ ଲକ୍ଷ ୨୦ ହଜାର ଟଙ୍କା ବିନିମୟରେ ହୋଇଥିବା ଚିତ୍ତ ବିନୋଦନ କେନ୍ଦ୍ରକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟବିମା ଏବଂ ସେମାନଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ସେହିଭଳି ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ଆରମ୍ଭ କରିଥିବା ତୀର୍ଥଯାତ୍ରା ଏକ ଗ୍ରହଣୀୟ ପଦକ୍ଷେପ । ଏଣୁ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ରହିଲେ ସମାଜରେ ଶୃଙ୍ଖଳା ଓ ନ୍ୟାୟ ପ୍ରତିଷ୍ଠା ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିକିଟି ବିଡିଓ ଫାଲ୍ଗୁନି ମାଝି, ତହସିଲ୍‌ଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲ୍‌ଦାର ଡ.ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହି ଅଧିକାରୀ ଅଶୋକ କୁମାର ପଣ୍ଡା, ଅବସରପ୍ରାପ୍ତ ବିଇଓ ଗଣେଶ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ସଭାପତିତ୍ୱ କରିଥିଲେ । ଶେଷରେ ଚିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା ବିବରଣି ପାଠ କରି ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ କେ.ନୂଆଗାଁ ଥାନାଅଧିକାରୀ ସୁଜିତ କୁମାର ନାୟକ ପରିଚାଳନା କରିଥିଲେ। ପିତାତଳି ଗ୍ରାମରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୦୦ଜଣ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୨ କୋଟି ୭ ଲକ୍ଷ ଟଙ୍କା ବିନିମୟରେ ହୋଇଥିବା ଛାତ୍ରୀବାସକୁ ଉଦ୍‌ଘାଟନ କରିଥିଲେ ।



ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି ମନ୍ତ୍ରୀ ।

**ସଂକ୍ଷେପରେ**

## ୫ମାସର ସନ୍ତାନକୁ ଛାଡି ମା'ଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧୯।୧୧(ଡି.ଏନ.ଏ.)- ଛୁଆର ସ୍ନେହ ଠାରୁ ମାନସିକ ଅଶାନ୍ତି ବଳିଗଲା। ଶେଷରେ ଜଣେ ମା' ୫ ମାସର ସନ୍ତାନକୁ ଛାଡି ଆତ୍ମହତ୍ୟା କରିଛି। ଘଟଣା ଘଟିଛି ତାରସିଂ ଥାନା ପାଟରାପଲ୍ଲୀରେ। ମୃତ ମହିଳା ଜଣଙ୍କ ହେଲେ ସନ୍ଧ୍ୟା ବିଷୋୟୀ (୨୫)। ତାରସିଂ ପୋଲିସ ସନ୍ଧ୍ୟାରେ ଭଞ୍ଜନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ହେବ। କେଉଁ କାରଣରୁ ସନ୍ଧ୍ୟା ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ପ୍ରକାଶଯେ, ସନ୍ଧ୍ୟା ୨ବର୍ଷ ପୁର୍ବେ ପାଟରାପଲ୍ଲୀର ଉପେନ୍ଦ୍ର ବିଷୋୟୀଙ୍କୁ ବିବାହ କରିଥିଲେ। ତାଙ୍କର ୫ମାସର ସନ୍ତାନ ଅଛି। କିଛିଦିନ ହେବ ସନ୍ଧ୍ୟା କୌଣସି କାରଣରୁ ମାନସିକ ଚାପରେ ରହୁଥିଲେ। ସୋମବାର ପୂର୍ବାହ୍ନରେ ଉପେନ୍ଦ୍ର ଜମିକୁ କାମ କରିବାକୁ ଯାଇଥିବାବେଳେ ସନ୍ଧ୍ୟା ନିଜର ୫ମାସର ସନ୍ତାନକୁ ଘର ଅଗଣାରେ ଦେଢଶୁରଙ୍କ ସନ୍ତାନ ପାଖରେ ଖେଳିବାକୁ ଛାଡି ଦେଇଥିଲେ। ପରେ ଶୋଇବା ଘର ଭିତରପଟୁ କବାଟ ବନ୍ଦ କରି କିରୋସିନି ଢ଼ାଳି ହୋଇ ଆତ୍ମହତ୍ୟା କରିଥିଲେ। ଧୂଆଁ ବାହାରିବାରୁ ଗ୍ରାମବାସୀ ଆସି କବାଟ ଖୋଲିବାକୁ ଚାହିଁଥିଲେ, କିନ୍ତୁ ଭିତରପଟୁ ବନ୍ଦ ଥିଲା। ଏହାପରେ ଖବରପାଇ ଉପେନ୍ଦ୍ର ପହଞ୍ଚି କବାଟ ଭାଙ୍ଗି ସନ୍ଧ୍ୟାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲକୁ ଅଣାଯାଇଥିଲା, ସେଠାରେ ଡାକ୍ତର ସନ୍ଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ନିଜ ଆଡୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଭତ୍ତା ବଣ୍ଟନରେ ଦୁର୍ନୀତି ଅଭିଯୋଗ

# ତଦନ୍ତ କଲେ ଉପଜିଲାପାଳ

କୁକୁଡ଼ାଖଣ୍ଡି,୧୯।୧୧(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳି ଏବଂ ରୋହିଗାଁ ପଞ୍ଚାୟତରେ କିଛିଦିନ ତଳେ ଭତ୍ତା ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଗଞ୍ଜାମ ଜିଲାପାଳଙ୍କ ନିକଟରେ ମଧ୍ୟ ପହଞ୍ଚିଥିଲା। ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ ସୋମବାର ଏହି ୨ ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଥମେ ବଉଳଝୋଳି ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଥିଲେ। ସବ୍ ଡିଭିଜନାଲ ପଞ୍ଚାୟତ ଅଫିସର ଅଶୋକ କୁମାର ପଟ୍ଟନାୟକ, କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଏବିଡିଓ ଭବାନି ଶଙ୍କର ପ୍ରଧାନ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ରଥ ମଧ୍ୟ ବଉଳଝୋଳିରେ ପହଞ୍ଚି ତଦନ୍ତରେ ସହଯୋଗ କରିଥିଲେ। ବଉଳଝୋଳି ସରପଞ୍ଚ ବି. ପୁଷ୍ପାଞ୍ଜଳି, ନାଏବ ସରପଞ୍ଚ ରାଜେନ୍ଦ୍ର ରେଡ୍ଡୀ ଓ ଗ୍ରାମ୍ୟ କମିଟି ଉପସ୍ଥିତ ଥିଲେ।

ଉପଜିଲାପାଳ ରାଉତରାୟ ଓ ପଟ୍ଟନାୟକ ଘର ଘର ବୁଲି ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ହିତାଧିକାରୀମାନେ ଭତ୍ତା ଟଙ୍କା ପାଇଥିବା ଅଧିକାରୀଙ୍କୁ କହିଥିଲେ। ପରେ ବଉଳଝୋଳି କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାମ୍ବର ସେଠୀଙ୍କୁ ନିଜେ ଉପସ୍ଥିତ ରହି ଭତ୍ତା ବଣ୍ଟନ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିଳାମ୍ବର କହିଛନ୍ତି, କିଛିଦିନ ତଳେ ଭତ୍ତା ବଣ୍ଟନ ପାଇଁ ଯିବା ରାସ୍ତାରେ କେତେଜଣ ଯୁବକ ମୋତେ ଟଣାଓଟରା କରି ମାଡ଼ ମାରିଥିଲେ। ଏନେଇ ସଦର ଥାନାରେ କେସ ମଧ୍ୟ କରିଥିଲି। ରାଜନୈତିକ ଶତ୍ରୁତା କାରଣରୁ ଏଭଳି ଉପୁଜୁଛି ବୋଲି ସେ କହିଛନ୍ତି। ନୀଳାମ୍ବରଙ୍କ କଥାରେ ସତ୍ୟତା ରହିଛି କି ନାହିଁ ସଦର ଥାନାରେ ପହଞ୍ଚି ଉପଜିଲାପାଳ ବୁଝି ଥିଲେ। ପରବର୍ତ୍ତୀ ସମୟରେ ରୋହିଗାଁ ପଞ୍ଚାୟତରେ ପହଞ୍ଚି ହିତାଧିକାରୀମାନଙ୍କୁ ଭତ୍ତା ଟଙ୍କା ପାଇଛନ୍ତି କି ନାହିଁ ବୁଝିଥିଲେ। ହିତାଧିକାରୀମାନେ ଭତ୍ତା ଟଙ୍କା ପାଇଥିବା ସ୍ୱୀକାର କରିଛନ୍ତି। ରାଜନୈତିକ ଶତ୍ରୁତାରୁ ଉପୁଜୁଥିବା ଏହି ଘଟଣା ଉପଜିଲାପାଳଙ୍କ ଉପସ୍ଥିତିରେ ମଧ୍ୟ ଦୁଇ ଗୋଷ୍ଠୀ ଏନେଇ ମୁହାଁମୁହିଁ ହୋଇଥିଲେ। ରୋହିଗାଁରେ ତଦନ୍ତ ସମୟରେ ସରପଞ୍ଚ, ସମିତିସଭ୍ୟ, ଏମ୍‌ପି ପ୍ରତିନିଧି ସନାତନ ସଂଗ୍ରାମ ସିଂହ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏନେଇ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି, ଉପଜିଲାପାଳ ତଦନ୍ତ କରି ଯାଇଛନ୍ତି, ପରବର୍ତ୍ତୀ ସମୟରେ ଯାହା ନିର୍ଦ୍ଦେଶ ଦେବେ ତାହା କାର୍ଯ୍ୟକାରୀ କରାଯିବ।


ରୋହିଗାଁରେ ତଦନ୍ତ କରୁଛନ୍ତି ଉପଜିଲାପାଳ।

### ଯୁବଗୋଷ୍ଠୀଙ୍କ ବେପରୁଆ ଦ୍ରୁତ ଗାଡି ଚାଳନା

# ଶିକ୍ଷକ ଦମ୍ପତି ଆହତ, କାର୍ଯ୍ୟାନୁଷ୍ଠାନ ଦାବି

ଭଞ୍ଜନଗର,୧୯।୧୧(ଡି.ଏନ.ଏ.)

ଭଞ୍ଜନଗର ସହର ଓ ଆଖପାଖ ଅଞ୍ଚଳରେ କେତେଜଣ ଯୁବକ ଦ୍ରୁତ ଗତିରେ ବେପାରୁଆ ଭାବେ ଗାଡ଼ିଚାଳନା କରୁଛନ୍ତି। ଯେଉଁଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ନିରୀହ ଲୋକେ ଆହତ ହେଉଛନ୍ତି। ଏହିଭଳି ସୋମବାର ସକାଳେ ଭଞ୍ଜନଗର ମୁଖ୍ୟ ସଡ଼କରେ ବାଇକ୍ ଯୋଗେ ଜନୈକା ବରିଷ୍ଠ ଶିକ୍ଷକ ଦମ୍ପତି ମନ୍ଦିର ଅଭିମୁଖେ ଯାଉଥିଲେ। ଏହି ସମୟରେ ଜଣେ ଯୁବକ ଦ୍ରୁତଗତିରେ ବାଇକ୍ ଆଣି ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଫଳରେ ଶିକ୍ଷକ ଦମ୍ପତି ବାଇକ୍‌ରୁ ପଡ଼ି ତଳେ ଆହତ ହୋଇଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରିଥିଲେ। ଅପରପକ୍ଷେ ଆମ ପୋଲିସ ସମିତି ବୈଠକରେ ଟ୍ରାଫିକ୍ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସମିତିର ସଭ୍ୟାସଭ୍ୟମାନେ ବାରମ୍ବାର ଦାବି କରୁଛନ୍ତି। କିନ୍ତୁ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ଦ୍ରୁତ୍ ବାଇକ୍ ଚଳାଉଥିବା ଯୁବକଙ୍କୁ କାବୁ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହୋଇଛି।

### ଗୁଳିମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା

# ସାଇଣ୍ଟିଫିକ ଟିମ୍, ପୋଲିସର ତଦନ୍ତ ଜାରି


ସାଇଣ୍ଟିଫିକ ଟିମ ନମୁନା ସଂଗ୍ରହ କରୁଛନ୍ତି।

କୋଦଳା,୧୯।୧୧(ଡି.ଏନ୍.ଏ.): କୋଦଳା ଥାନା ମଠସରସିଙ୍ଗି ବସଷ୍ଟାଣ୍ଡ ନିକଟ ଏକ ହାର୍ଡୱେର ଦୋକାନରେ ରବିବାର ସନ୍ଧ୍ୟାରେ ଜେ. ଛଟିନା ଗ୍ରାମର ରାଜେନ୍ଦ୍ର ପରିଡ଼ା ଓରଫ ଜଟିଙ୍କୁ ୨ ଦୁର୍ବୃତ୍ତ ଗୁଳିମାଡ଼ କରିବା ସହ ପଥରରେ ଛେଚି ହତ୍ୟା କରିଥିଲେ। ଏ ନେଇ ଥାନାରେ ନଂ.୨୬୯/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୋମବାର ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ଅଧିକାରୀ ଅକ୍ଷୟ କୁମାର ସାମଲ ଓ ମୌସୁମୀ ଦଳାଇ ହତ୍ୟାକାଣ୍ଡ ସ୍ଥଳକୁ ଆସିଥିଲେ। ସେଠାରୁ ରକ୍ତଭିଜା ମାଟି ନମୁନା ସଂଗ୍ରହ କରିବା ସହ ପୋଲିସ ଜବତ କରିଥିବା ୩ ଗୁଳି, ୫ ଖୋକାକୁ ପରୀକ୍ଷା ପାଇଁ ନେଇଥିଲେ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ବଡ଼ ମେଡିକାଲରେ ରାଜେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅପରାହ୍ନରେ ନିଜ ଗ୍ରାମରେ ସତ୍କାର କରାଯାଇଛି।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

ବେଗୁନିଆପଡ଼ା,୧୯।୧୧(ଡି.ଏନ.ଏ.)

ପଠାଣି ସାମନ୍ତ ମେଧାବୃତ୍ତି ଗଣିତ ପରୀକ୍ଷା ବେଗୁନିଆପଡ଼ା ବ୍ଲକର ବେଗୁନିଆପଡ଼ାସ୍ଥିତ ଜନତା ନୋଡାଲ ହାଇସ୍କୁଲ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟେଜ-୧ରେ ଷଷ୍ଠ ଶ୍ରେଣୀର ୧୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଅନୁପସ୍ଥିତ ଥିଲେ ୮ ଜଣ। ସେହିଭଳି ଷ୍ଟେଜ-୨ରେ ୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କମଳକାନ୍ତ ସାହୁ, ପୂର୍ବତନ ସିଆରସିସି ପଙ୍କଜ କୁମାର ବେହେରା, ପ୍ରଧାନ ଶିକ୍ଷକ କେ. ଭିମରାଜୁ ପାତ୍ରଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷା ପରିଚାଳନା କରିଥିଲେ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *Offer Applicable only on 125cc Motorcycles.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଳେଶ୍ୱର ହୀରୋ - 7799766372. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 224656. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ